ପ୍ରଗତି-ଗୀତିକା

(ଚତୁର୍ଥ ଉଚ୍ଛ୍ୱାସ)

ସୂଚୀପତ୍ର

କ୍ରମାଙ୍କ	ବିଷୟ	ପୃଷ୍ଠାଙ୍କ
	ଜାଗରଣ	
୧ ।	ଅନାଥରେ, ଅନାଥରେ, ଅନାଥ	୧
୨ ।	ଜାଗ ଜଗତ ଜନ	୪
୩ ।	ଉଦିତ ଭାନୁ ତମସା ହର..	୬
୪ ।	ଧର ଥିଲ ତ ରହିଁ	୭
୫ ।	ଜାଗ ନିଶି ପାହିଲାଣି	୮
୬ ।	ନିଶି ହେଲାଣି ପାହାନ୍ତ	୯
୭ ।	ପରଭାତ ବଭବରୀ	୧୦
୮ ।	ପାହିଲା ରଜନୀ	୧୧
୯ ।	ଜାଗ ଜଗବାସୀ	୧୨
୧୦ ।	ନିଦ ଭାଙ୍ଗ, କେତେ ରହିବୁ	୧୪

କ୍ରମାଙ୍କ	ବିଷୟ	ପୃଷ୍ଠାଙ୍କ
	ପ୍ରତୀକ୍ଷା	
୧ ।	ଧନ ଜନ ମାଗୁନାହିଁ	[illegible]
୨ ।	ସେ ଦିନକୁ ଆଶା କରି	[illegible]
୩ ।	ଧନ ମାଗୁନାହିଁ, ଜନ ମାଗୁନାହିଁ	[illegible]
୪ ।	ସଖିଗେ, ଆଜି ସଜାଅ ଶେଯ	[illegible]
୫ ।	ହେ ମୋର ଠାକୁର	[illegible]
୬ ।	ରହିଛି ମୁଁ ବାଟ ଅନାଇଁ	[illegible]
୭ ।	ଅନାଇଁ ବସିଛି ଖାଲି	[illegible]
୮ ।	ହୃଦୟର ସ୍ୱାମୀ ମୋର	[illegible]
୯ ।	(ମୁଁ ଯେ) ଆଶାରେ ଗଣୁଛି ଦିନ	[illegible]
୧୦ ।	ହୃଦୟ ମନ୍ଦିର ଦୁଆର ଫିଟାଇ	[illegible]
	ମାଗୁଣି	
୧ ।	ଦୟାମୟ ! ଶୁଣ ଗୁହାରି	୩୭
୨ ।	ଶୁଣ ମନ ମୋହନ	୩୮
୩ ।	ଦୁଃଖଘରେ ଯେବେ	୩୯
୪ ।	ଗୁହାରି ମୋ ଶୁଣ ଠାକୁର	୪୦
୫ ।	ଦେଖୁଛି ଯାହା ଏ ନୟନ	୪୧
୬ ।	ମନ ଗୁହାରି ମୋର	୪୨
୭ ।	ମୁଖ ମୋ ଫିଟିବ ଯେବେ	୪୩
୮ ।	ଅପସାରିତ କର ପ୍ରଭୁ	୪୪

କ୍ରମାଙ୍କ	ବିଷୟ	ପୃଷ୍ଠାଙ୍କ

୯ । ଅନ୍ଧାର ଜୀବନ ମେଘେ ୪୫

୧୦ । ବନ୍ଧୁ ହେ ଆଉ ତ ଗୁଡ଼ିବ ନାହିଁ ୪୬

ମିନତି

୧ । ଏତେ ମନର ମିନତି ୪୯

୨ । ରଜନୀ ଦିନ ୫୦

୩ । ଆହେ ଦୟାମୟ ୫୧

୪ । ମଣିମା ଶୁଣିମା ହେଉ ୫୨

୫ । ଚରଣ ସେବାରେ ନିତି ଦିନ ବିତୁ ୫୩

୬ । ମାଗୁନାହିଁ ଧନଜନ ୫୪

୭ । ଦୟାମୟ ଦିଅ ଫିଟାଇ ୫୫

୮ । ପରାଣ ପତି ତୁ ଏକା ୫୬

୯ । ତୁମେ ମୋ ମୁକତି, ତୁମେ ମୋ ଶକତି ୫୭

୧୦ । ଠାକୁର ମୋ ମିନତି ଘେନାକର ୫୮

ଅଭିଲାଷ

୧ । ପ୍ରେମ ପାଶେ ବାନ୍ଧି ରଖିଛ ୬୧

୨ । ସେ ଦିନକୁ ଆଶା କର ୬୨

୩ । କେବେ ହେବ ହରି ୬୪

୪ । ଅଳି ମୋର ଏତେ ୬୫

୫ । ଅନ୍ଧାର, ଆଲୋକ, ଖରା ୬୬

କ୍ରମାଙ୍କ	ବିଷୟ	ପୃଷ୍ଠାଙ୍କ
୬ ।	(କମ) ଚକା ଆଖିକ	୬୮
୭ ।	ଯେବେ ଅଭୟ ଚରଣେ	୬୯
୮ ।	ଅପସାରିତ କର ପ୍ରଭୁ	୭୦
୯ ।	ନିତି ନୂଆ ନୂଆ ତୁମେ	୭୧
୧୦ ।	ସେଦିନ ହୋଇବ କେବେ ଅଛୁ ଅନାଇଁ	୭୩

ମନବୋଧ

୧ ।	ମନରେ, ଚିନ୍ତାମଣି ଚିନ୍ତାକର	୭୭
୨ ।	ଚିନ୍ତା ମନୁ ବରଜ (ମନବାଇ)	୭୮
୩ ।	ଆରେ ବାଉଳା	୭୯
୪ ।	ମତ୍ତ ଏ ଜଗତ ଜୀବ ବିଷୟ ରସରେ	୮୦
୫ ।	ବାଇମନ କଥାଟି ହେଜ	୮୨
୬ ।	ପାଗଳ ମନ, ବିକଳ ସିନା ତୁ	୮୪
୭ ।	ବଚନ ମୋ ମାନ ମାନ	୮୫
୮ ।	ହରିନାମ ଘୋଷ ରସନା	୮୬
୯ ।	ପଦେ କଥା ଘେନ ବାଉଳା	୮୭
୧୦ ।	ସେ ଏକା ସାଥି ଏଇ ମର ସଂସାରେ	୮୮

ମହିମା ଗାନ

୧ ।	ପଞ୍ଚାଗ୍ନି ରେ	୯୧
୨ ।	ତୁମେ ସତ୍ୟ ତୁମେ ନିତ୍ୟ	୯୨
୩ ।	ଭକତ ଭକାଗ୍ନି ଯେତ୍ତ	୯୪

କ୍ରମାଙ୍କ	ବିଷୟ	ପୃଷ୍ଠାଙ୍କ
୪ ।	ଆସିଛେଁ ସରବେ ଏକ ଠାବୁଁ	୯୫
୫ ।	ଏ ନୟନ, କର କର	୯୬
୬ ।	ଚେଷ୍ଟା ମନ କଲେ	୯୭
୭ ।	ଖୋଜ ଦେଖ ସାରା ସଂସାର	୯୯
୮ ।	ଗାଇବନେ କେବେ ଆସିବ ସେଦିନ	୧୦୦
୯ ।	ଭକତିରେ ଗୁରୁ ପଦେ	୧୦୨
୧୦ ।	ମଣି ଆପଣା ଜନ	୧୦୩

ନାମ ମହାତ୍ମ୍ୟ

୧ ।	ଗୁରୁପଦେ ମାତରେ ଯାଇ	୧୦୭
୨ ।	ଗୁରୁ ନାମ ତୁ ସାର କର ମାନସ	୧୦୮
୩ ।	ଗୁରୁ ନାମ ଠାରୁ ବଳି	୧୧୦
୪ ।	ସେଇ ଘରେ ବସା ବାନ୍ଧ ମନ	୧୧୧
୫ ।	ବାଇମନରେ, ଗାଅ ଗାଅ ତାର ନାମ	୧୧୨
୬ ।	ମନ ହୃଅରେ ବାଇ	୧୧୩
୭ ।	ମନ ବାସନା ଭରି ହରିନାମ ଗାଅ	୧୧୪
୮ ।	ଲେଖୁ ତୁ ସେବେ ଗୁରୁ ଆଶିଷରେ	୧୧୫
୯ ।	ଆସ ସରବେ ବାଜ୍ଣ ଢୋଲ	୧୧୬
୧୦ ।	ଗୁରୁ ନାମ ସୁଧାଝର ବହୁଅଛି	୧୧୮

ମାତୃ-ସଙ୍ଗୀତ

୧ ।	(ମୋର) ଆଉ କାମନା ନାହିଁ ମାଆ	୧୨୧
୨ ।	ମାଆ ତୋର ମାୟା ବଭୂତି	୧୨୩

କ୍ରମାଙ୍କ	ବିଷୟ	ପୃଷ୍ଠାଙ୍କ
୩ ।	ଏ କି କଲୁ ଆନନ୍ଦମୟୀ	୧୨୫
୪ ।	ଚରଣ ତଳରେ ତୋର	୧୨୬
୫ ।	ଭୁଲିଗଲି ଯେବେ ଗୋ	୧୨୭
୬ ।	ଏ ନୟନ ଅନା ଥରେ	୧୨୮
୭ ।	(ମୋତେ) ଜଞ୍ଜାଳଆ କହ ତୁ ପଛେ	୧୩୦
୮ ।	ବିପଦ କେତେ ମାତର	୧୩୧
୯ ।	ଦୟାମୟୀ ମା' ବୋଲି ଗୋ	୧୩୨
୧୦ ।	ଜୀବନେ, ଆସିବ କେବେ ସେଦିନ	୧୩୩

କୃଷ୍ଣ-ସଙ୍ଗୀତ

୧ ।	ନଟବର ବେଶେ ଆସ	୧୩୭
୨ ।	ଥରେ ବଂଶୀ ବଜାଅ କହ୍ନାଇରେ	୧୩୯
୩ ।	କଦମ୍ବ ବନେ ବଂଶୀ ବାଜିଲାରେ	୧୪୦
୪ ।	ନଟବରଙ୍କର ଲୀଳା ମନୋହର	୧୪୧
୫ ।	କାଳିଆ ସୁନା ! ଗଢି କେ ଆଉ	୧୪୩
୬ ।	ଜୀଇଁବାର ଧିକ ବିନା	୧୪୫
୭ ।	ନବ ବୃନ୍ଦାବନ ନବୀନ ତରୁଗଣ	୧୪୬
୮ ।	ନୀରଦ ବରଣ ଶ୍ୟାମ	୧୪୮
୯ ।	ଶ୍ୟାମ ନାମ କି ମଧୁ ସନ୍ଧି	୧୪୯
୧୦ ।	କିଏ ଶୁଣାଇଲା କୃଷ୍ଣ ବୋଲି ନାମ ଚାରୁ	୧୫୦

ଜାଗରଣୀ

ନିଦ ଛେଡ଼ି ଏବେ ଜାଗରେ ମନୁଆ
ଜାଗରଣ ଭୋର ଲୋଡ଼ା
ଜାଗି ପାରିଲେ ତୁ ହେବୁ ନାହିଁ କେବେ
ଗୁରୁଙ୍କର ପାଦ-ଛଡ଼ା ।

(୧)

ଅନାଅରେ, ଅନାଅରେ, ଅନାଅ
ଅନାଅରେ, ହସି ଅରୁଣ ଆସିଲ
ଡାକିଲ ବିହଗ ଶେଯ ତେଜ ବେଗରେ, ଶେଯ ତେଜ ବେଗ
ଅନ୍ଧାର ନଶି ପାହିଲ । ୦ ।

ରାତିରେ ଶୋଇଲୁ, ଦିନରେ ଚେଇଁଲୁରେ, ଦିନରେ ଚେଇଁଲୁ
ଏ କଥା କେ ଶିଖାଇଲ ?
ଦୁଃଖରେ କାନ୍ଦୁଛୁ, ସୁଖରେ ହସୁଛୁ
ସବୁ ତ ଜଣକ ଲୀଳା, ନ ହୁଅ ବାଉଳା । ୧ ।

ଅଦେଖାରେ ଥାଇ ସବୁ କରୁଥାଇ, ସେ ସବୁ କରୁଥାଇ
ମନ ଘରେ କରେ ଖେଳା
ଡାକ ତାକୁ ତୁହି ଧିଆନ ଲଗାଇରେ, ଧିଆନ ଲଗାଇ
ନାମ କର ଜପା ମାଳା, କରନାରେ ହେଳା । ୨ ।

ପରାଣ ତୋହର ହେବରେ ଶୀତଳରେ, ହେବରେ ଶୀତଳ
ଯେବେ ତା କରୁଣା ହେଲ

ଭବ ଜଲଧିରେ ପହଁର ସୁଖରେ ରେ, ପହଁର ସୁଖରେ
ହୋଇବ ସେ ତୋର ଭେଲା, ନକର ପସରା । ୩

ସାରା ଜଗତରେ ବଡ଼ଲୋକ ସେ'ରେ, ବଡ଼ଲୋକ ସେ'ରେ
ଆମେ ଭିଖମଗା ବାଲା
ପାତ୍ତ ଦୁଇହାତ ମାଗିବା ଛଡ଼ାତ ରେ, ମାଗିବା ଛଡ଼ାତ
ଦେବାର ବୁଦ୍ଧି ନୋହିଲା, ମୋହ ଭୁଲାଇଲା । ୪

ଦୂରରେ ନାହିଁ ସେ ଅଛି ଆଶେ ପାଶେରେ, ଅଛି ଆଶେ ପାଶେ
ଏ ତ ପରଖିବ ବେଳା
ଗୁରୁ ଦାସ ହୋଇ ତାର ପଦ ଛୁଇଁରେ, ତାର ପଦଛୁଇଁ
ମାଗ ଭୁଲ ମାୟା ଖେଳା, କାଳ ତ ବହିଲା । ୫

●

(୨)

ଜାଗ ଜଗତ ଜନ ନିରେଖ ନବ ଅରୁଣ
ପୂରୁବ ଗଗନେ ହସେ ଆସି
କିଏ କରୁଣା ବରଷି ଘୁଞ୍ଚାଇ ଦେଲାରେ ଆସି
ମରଣ-ଅନ୍ଧାର ଘୋର ନିଶି । ୦ ।

ଶେଯ ତେଜି ଉଠ ଉଠ
ଆଉ ନକରରେ ମଠ
ମଥା ନୁଆଇଁ ଜୁହାର 'ଜୟଗୁରୁ' ଘୋଷି । ୧ ।

ଯହିଁ ଦେଖ ତହିଁ ହସ
ସରବେ ଆଜି ହରସ
ବିଶ୍ୱର ଗୁରୁ, କିଏ ଦେଲା ଆଶିଷ ବରଷି । ୨ ।

କାହା କରୁଣାରେ, ଭାଳ
ମୁଖରେ ହସର ଲୀଳ—
ଖେଳିଯାଏ ତୋର, କହ ସରଗ ପରଶି । ୩ ।

ମାୟା ମୋହ ଦୂର କର
ସବୁରି ହିତ ବିଚାର
'ଜୟଗୁରୁ' ଘୋଷ ମନ; କି ଦିବସ ନିଶି । ୪ ।

(୩)

ଉଦ୍ଧତ ଘନୁ ତମସା ହର ଗତ ଶର୍ବରୀ
ଜାଗ ଜଗତ ନର ନାରୀ !
ଗାଅ ଗୁରୁଦେବ ! ଜୟ ॥ ୧ ॥

ଗୁରୁ ଭବ-ତାପ ନିବାରଣ ଭୟ ତାରଣ
ଅନ୍ଧ ନୟନ ଜ୍ଞାନାଞ୍ଜନ
ଗାଅ ଗୁରୁଦେବ ! ଜୟ ॥ ୨ ॥

ଗୁରୁ ହରି, ଶଙ୍କର, ବ୍ରହ୍ମା ଅଦ୍‌ଭୁତ କର୍ମା
ପ୍ରଣତ ଜନର ଶୁଭ-ଧର୍ମା
ଜୟ ଗୁରୁଦେବ ! ଜୟ ॥ ୩ ॥

ଚଞ୍ଚଳ ଚିତ୍ତ ନହୋଇ ରେ ମନବାଇ !
ନିଶିଦିନ ରହ ପଦ ଧ୍ୟାୟି
ଜୟ ଗୁରୁଦେବ ! ଜୟ ॥ ୪ ॥

ବରଜ ମନରୁ ଭେଦଜ୍ଞାନ ସର୍ବେ ସମାନ
ସୃଷ୍ଟି ନିମଣ ଆନ ଆନ
ଜୟ ଗୁରୁଦେବ ! ଜୟ ॥ ୫ ॥

ମଙ୍ଗଳମୟ ଗୁରୁ ଇଚ୍ଛା ଶୁଭ ବାଞ୍ଛା
ଶ୍ରୀପଦେ ଭକତ ପହୁଞ୍ଚା
ଗାଇ ଗୁରୁଦେବ ! ଜୟ ॥ ୬ ॥

(୪)

ଧରା ଥିଲାତ ଗୃହିଁ
ପାବତ କଲମଷ ଯିବାକୁ ଧୋଇ । ୦ ।

ଧାରା ଶ୍ରାବଣ ମାର-ଧାରା ଝରାଇ
ଧୋଇଲା ଧରାବୁକୁ କରୁଣା ବହି । ୧ ।

ଅନ୍ଧାର ଲୁଚେ ଉଷା ଯୋଷା ହସଇ
ସରେ ନଳମା ମୁଖେ ହାସ ଫୁଟଇ । ୨ ।

ନଳମାକାନ୍ତ ଉଦେ ପରଚୀ ଛୁଇଁ
ଜଗତ ଆଲୋକଲା କରଣ ପାଇ । ୩ ।

ଆସ ସରସ ମନେ ଭଉଣୀ ଭାଇ
ନଳମା କାନ୍ତ ପଦେ ମଥା ନୁଆଇଁ । ୪ ।

ଗୁରୁ ବନ୍ଦନା ଗାଅ କଣ୍ଠ ମିଳାଇ
ମାଗ ସରବେ ତାଙ୍କ ଚରଣ ଛୁଇ । ୫ ।

ସେ ଗୁରୁ ସେହି ବସ୍ତୁ ବ୍ରହ୍ମାଟି ସେହି
ଭଜିଲେ ତାଙ୍କୁ ଭବୁଁ ଲଭିବା ନାହିଁ । ୬ ।

(୬)

ଜାଗ ନିଶି ପାହିଲାଣି
ଖଗେ ରବ କରରେ
ଶେଯ ତେଜ ଜଗତର
ନାଥରେ ସୁମରରେ । ୦ ।

ଅମା ନିଶି ପ୍ରଭାତିଲା ପକ୍ଷୀ ମଙ୍ଗଳ ଗାଇଲେ
ଦିଅଁ ଦେଉଳରେ ଶୁଭେ
ଶୁଭ ଶଙ୍ଖ ସ୍ୱରରେ । ୧ ।

ଶୟନେ ଅବା ସ୍ୱପନେ ଅଛ ଯାହାର ନୟନେ
ଜୀବନ ଜନମ ଦାତା
ଗୁଣଗାନ କରରେ । ୨ ।

ସୁଖର ଦୁଃଖର ସାଥୀ ତାବିନେ କେହି ନାହାନ୍ତି
ଏ ଭବ ତାରଣ ତରୀ
ସେ ଯେ ଜୀବନରରେ । ୩ ।

ଇହକାଳ ପରକାଳ ଗୁରୁ ନାମଟି ସମ୍ବଳ
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ
ଗୁରୁ ଆଦିମୂଳରେ । ୪ ।

ଶ୍ରୀଗୁରୁ ଚରଣେ ମତି ରଖ ମନ ଦିବାରାତି
ଅଳସ ବରଜି ଗୁରୁ-ପଦରେ ଜୁହାରରେ । ୫ ।

(୬)

ନିଶି ହେଲାଣି ପାହାନ୍ତ ଜାଗ ଶେଯ ତେଜ
ପୂରୁବ ଗଗନ କୋଣେ ହସେ ରବି ତେଜ ॥ ୦ ॥

ପବନ ବହଇ ମନ୍ଦ, ବିସାରେ ସୁମନ ଗନ୍ଧ
କାସାରେ ହସେ କମଳ ତେଜି ମନୁ ଲାଜ ॥ ୧ ॥

ଶୁଭେ ବିହଗ କାକଳି, ଦିଏ ସତେ ହୁଳହୁଳି
ନବୀନ ପରଭାତରେ ବନ୍ଦିବାକୁ ଆଜ ॥ ୨ ॥

ଯେତେ ସବୁ ନାରୀନର, ଶେଯେ ମୃତ ପରକାର
ଥିଲେ ଶୋଇ ଜାଗିଲେଣି ଉଠ ତନୁ ମାଜ ॥ ୩ ॥

ଚଉଦିଗ ପ୍ରେମେ ହସେ, ସରାଗ ତରଙ୍ଗେ ଭାସେ
ନିତ୍ୟବ୍ରତେ ଲାଗି ବେଗେ ଶଯ୍ୟା ତୁ ବିରଜ ॥ ୪ ॥

ପ୍ରଣମି ପିତା ପାଦରେ, ଲାଗ ଶୁଭ କରମରେ
ସେହିଁ ସତ୍ୟ, ସେହି ନିତ୍ୟ, ଆନ ସବୁ ବ୍ୟାଜ ॥ ୫ ॥

ଭୁଲ ମନୁ ଭେଦଭାବ, ଭାଇ ଭଉଣୀ ସରବ
ଆମ ଜନମ ଜଗତା ଏକ ବୋଲି ହେଜ ॥ ୬ ॥

ସୁଖ ବୋଲ ଦୁଃଖ ବୋଲ, ସବୁତ ତାଙ୍କର ଖେଳ
ମାତ ଭକତ ପ୍ରେମରେ ଜଗଦ୍ଗୁରୁ ଭଜ ॥ ୭ ॥

(୬)

ପରମପିତ ବନ୍ଧୁବର
ଆସରେ ସରବେ ଚରଣରେ ଦେବା
ଭକତି ସୁମନ ଢାଳି ॥ ୦ ॥

ସଗରେ ପ୍ରୀତି-ଚନ୍ଦନ
କରରେ ପଦେ ରଞ୍ଜନ
ଗାଅ ଗାଅ ମୁଖେ ଜୟଗୁରୁ ଜୟ
ସକଳ ମାୟା ପାସୋରି ॥ ୧ ॥

ଅନ୍ତରରେ ପ୍ରେମ ଘେନି
ସଜାଅ ଚରଣ ବେନି
ଆରତି କରରେ ଅତି ପ୍ରମୋଦରେ
ବିଶ୍ୱାସ ପ୍ରଦୀପ ଜାଳି ॥ ୨ ॥

ମନର ସକଳ ଚିନ୍ତା
ବିରଜି ଜଣାଅ ବ୍ୟଥା
ଭକତି ମନର ରହିଥାଉ ଚିର
ଜଣା କର ନଉଚ୍ଛୁଳି ॥ ୩ ॥

ମୋର ବୋଲି ବୋଲି ଯାହା
ଭେଟି ଚରଣରେ ତାହା
ମଥାନତ କରି ମନ ପ୍ରାଣ ଭରି
ମାଗରେ କରୁଣା ଖାଲି ॥ ୪ ॥

(୮)

ପାହିଲା ରଜନୀ ଜାଗ ଜାଗ ତେଜ ଶେଯ ହେ
ସରସ ମନେ ଯତନେ ଶ୍ରୀଗୁରୁଙ୍କୁ ଭଜ ହେ...॥ ୦ ॥

ସିନ୍ଦୂର ଫାଟେ ଆକାଶେ ଚହଟିଲା ଦିଗ
ବିଭୁ ମହିମା ସୁମରି ଜାଗିଲେ ବିହଗ
କରୁଣା କିରଣ ଢାଳି ଉଇଁଲେ ସୂରୁଜ ହେ
ପାହିଲା ରଜନୀ ଜାଗ ଜାଗ ତେଜ ଶେଯ ହେ...॥ ୧ ॥

ଏ ଶୁଭ ପ୍ରଭାତେ ଆସ ଆସହେ ସକଳେ
ନମିବା ଗୁରୁ ପୟରେ ପ୍ରେମ ଭକ୍ତିଭୋଳେ
ଧନ୍ୟ ହୋଇବା ଲଭିଣ ଗୁରୁ ପଦ ରଜ ହେ
ପାହିଲା ରଜନୀ ଜାଗ ଜାଗ ତେଜ ଶେଯ ହେ...॥ ୨ ॥

ଆପଣା ମନରେ ଅଛି ଯେତେ ଅମା ମଳ
ଶ୍ରୀଗୁରୁ କୃପାବାରିରେ ହେଉ ତା ବିମଳ
ଭକତି ପ୍ରୀତି ସୁମନେ ଗୁରୁପଦେ ପୂଜ ହେ
ପାହିଲା ରଜନୀ ଜାଗ ଜାଗ ତେଜ ଶେଯ ହେ...॥ ୩ ॥

(୯)

ଜାଗ ଜଗବାସୀ ଆସି ନଶି ପାହିଲାଣି
ପୂରୁବ ଗଗନେ ଉଷା ଦର ହସିଲାଣି ॥ ୦ ॥

କାଉ କୋଇଲର ସ୍ୱନ
ଶୁଭିଲାଣି ଘନ ଘନ
ନଶି ପ୍ରହରୀ ସମାନ ଥିଲାତ ଜନମ ॥ ୧ ॥

କାଳିଆ ଅବଗୁଣ୍ଠନ
ଢେଙ୍କିଲା ମାଆ ବଦନ
ଦୁଆର ମେଲାଇ ଉଠ ବୋଲି ଡାକିଲାଣି ॥ ୨ ॥

ମାଆ କୋଳରେ ନଶାରେ
ଘୁମାଇଥିଲ ନଦରେ
ଅବଗୁଣ୍ଠନ ବରଜ ମାଆ ଆସିଲାଣି ॥ ୩ ॥

ଉଠ ଉଠ ଜଗବାସୀ
ପାହାନ୍ତା ହେଲାଣି ଆସି
ଆଦରେ ମାଆ ମଥାରେ ଆଶିଷ ଦେଲାଣି ॥ ୪ ॥

ମାଆର ନାମ ସୁମର
ଦୁଃଖ ତାପ ହେବ ଦୂର
କରୁଣା ମାଗରେ ତାର ଧରି ପାଦ ବେନୀ ॥ ୫ ॥

ସୁଖରେ ଦୁଃଖରେ ଆହା
ମାଆ ବିନେ କିଏ ସାହା
ମାଆ ଏକା ସନ୍ତାନର ସକଳ ଦୁଃଖ ହାରିଣୀ ॥ ୬ ॥

ମାଆ ପଦ ଗୋଟି ସାର
ସେ ଏକା କରିବ ପାର
ଭବ ସାଗର ଦୁସ୍ତର ଝଡ଼ ଝଞ୍ଜା ନିବାରିଣୀ ॥ ୭ ॥

●

(୧୦)

ନିଦ ଭାଙ୍ଗ, କେତେ ରହିବୁ ସତେ ଶୋଇରେ ?
କେତେ ଶୋଇଥିବୁ ମୋହ ନିଦ ଭାଙ୍ଗ ନାହିଁରେ ? । ୨ ।

ନାନା ସୁଖ ଆଶା କରି
ଦୁଃଖରେ ହେଉଛୁ ଘାରି
ପତଙ୍ଗ ଅନଳ ହେରି
ଧାଇଁ ଜଳି ମଲା ପରି
ବିଚାର କର ମନେ ତୁହିରେ । ୧ ।

ନାଭି କସ୍ତୁରୀ ବାସରେ
ଲୋଭି ମୃଗ ବନେ ଘୂରେ
ତିଳେ ବିଚାରି ନ ପାରେ
ଶେଷେ ନିଜ ଜୀବ ହାରେ
ମରୁ ତେସନ ସୁଖ ପାଇଁରେ । ୨ ।

ମତ୍ତ ବାରଣ ସମାନ
ଇନ୍ଦ୍ରିୟ ବଶ ତୋ ମନ

ହୋଇବୁ ଅନ୍ତ ଅଜ୍ଞାନ
ହଜାଇ ବସି ଚେତନ
ସୁଖ ଆଶାରେ ମରୁ ଧାଇଁରେ । ୩ ।

ଅସାର ଏ ସଂସାର
କର ତୁ ଗୁରୁ ସାର
ଛଳ ଛନ୍ଦ ବେଭାର
ମନରୁ ଦୂର କର
ଭଜ ତୁ ଶ୍ରୀଗୁରୁ ଗୋସାଇଁରେ । ୪ ।

ପ୍ରତୀକ୍ଷା

ବିଶ୍ୱାସ ଭକତି ଫୁଲ କରି ମନ
ପ୍ରତୀକ୍ଷା ତୁ କରି ରହ
ନିଶ୍ଚୟ ଝରିବ ଗୁରୁ କୃପା ବାରି
ମଥାରେ ତୋ ଅହରହ ।

(୧)

ଧନ ଜନ ମାଗୁ ନାହିଁ
ଖାଲି ଦୁଆର ଦିଅ ଫିଟାଇ ମା ।୦।

ପଶି ତୋ ଦେଉଳେ ବସି ଏକାନ୍ତରେ
ପୂଜିବି ମନର ଦିଅଁ
ମନ ଫୁଲ ହାର ଭେଟି ଚରଣରେ
କରିବି ଶରଣ ଦିଅ
ସବୁ ଜଗତ ମାୟା ଭୁଟାଇ ମା । ୧ ।

ଅଜଣା ମୋହର ମନ୍ତ୍ରର ତନ୍ତ୍ରର
ନ ଜାଣଇ ପୂଜା ବିଧି
ମାଗିବି ମୁଁ ଖାଲି ଦୁଇ ହାତ ମେଲି
ଦିଅ ମୋତେ ଶୁଭ ବୁଦ୍ଧି
କାଳ କଟିଯାଉ ନାମ ଗାଇ ମା । ୨ ।

ଦେବ ଋଷି କେହି ଅନ୍ତ ପାଏ ନାହିଁ
ଶୁଣିଛି ଏ ମୋର କାନ

ମୁଁ ଛାର ଚାକର ସେବାକୁ ଯାଚର
ହେବ ବୋଲି କରେ ମନ
ମୋର ଯେ ଶକତି ଅବା କାହିଁ ମା ? । ୩ ।

ଅଧମ ଅଜାଣ ଅତି ମୂଢ଼ ଜନ
ପ୍ରେମ ଭକତି ବା କାହିଁ ?
ପଦ ଧରି କ୍ଷମା ମାଗିବାର ଜମା
ଅଧିକାର ମୋର ନାହିଁ
ପଛେ କହୁଛି ମଥା ନୁଆଇଁ ମା । ୪ ।

(୨)

ସେ ଦିନକୁ ଆଶା କରି ବସିଛି ମୁଁ ଅନୁସରି
ଯୋଡ଼ି କରପଦ୍ମ ନିଶିଦିନ
ମରମ ମନ୍ଦିରେ ମୋର ଉଚ୍ଛୁଳିବ ପ୍ରେମ-ଝର
ପୂର୍ଣ୍ଣିମାର ଜୁଆର ନବୀନ
ଆହେ ନବଘନ !
ପୁଲକି ଉଠିବ ପ୍ରାଣମନ
ଚଞ୍ଚଳ ଏ ମୋ ହୃଦୟ କେବେ ସତେ ହେବ ଥୟ
ନିରେଖିବ ତବ ଶ୍ରୀଚରଣ ॥ ୧ ॥

ଯହିଁ ଚାହିଁବ ନୟନ ହେରିବ ତବ ନର୍ତ୍ତନ
ଲୋଡ଼ୁ ନାହିଁ ଧନ ଅବା ଜନ
ମାଗୁଛି ଚରଣ ଧୂଳି ମଥାରେ ହୋଇ ମୁଁ ବୋଲି
ପାଗଳ ହୋଇବି ଅନୁଦିନ
ଆହେ କୃପାମୟ !
ମୋ ବେଳକୁ ନ ହେବ ନିର୍ଦ୍ଦୟ
ତୁମେ ପରା ଦୀନବନ୍ଧୁ ଟୋପିଏ କରୁଣା ବିନ୍ଦୁ
ଢାଳି ଦେଲେ ହେବି ମୁଁ ଅଭୟ ॥ ୨ ॥

ଷଡ଼ରିପୁ ମୋତେ ଘେରି ଦିଅନ୍ତି ଅଥୟ କରି
ମାଗୁଛି ମୁଁ ମନେ ବଳ ଦିଅ
ରିପୁଙ୍କୁ ଦୂରକୁ ଠେଲି ତୁମ ନାମ ବୋଲି ବୋଲି
ପାଇବି ମୁଁ ଶ୍ରୀପଦ ଆଶ୍ରୟ
ଆହେ ଜଗତ୍ ଗୁରୁ
ସାହା ହୁଅ ତୁମେ କଳ୍ପତରୁ
ଅରୂପ-ସ୍ୱରୂପ ତବ ନୟନେ ମୋ ନାଚୁ ଦେବ !
ଗୁରୁଦାସ ମନ ବାଞ୍ଛା ପୂରୁ ।। ୩ ।।

(୩)

ଧନ ମାଗୁ ନାହିଁ ଜନ ମାଗୁ ନାହିଁ ଏତିକ ମନର ଆଶ
ମନ ଆସନରେ ବଜେକର ନାଥ ! ସେବା ମୋର ଅଭିଳାଷ ॥୦॥

ଧିଆନରେ ଚିର ତବ ମୂରତିର
ଦରଶନ ମିଳୁ ମୋତେ ହେ ଠାକୁର !
କମଳ-କୋମଳ ଚରଣ ଯୁଗଳ
କରୁ ମୋ କର ପରଶ ॥ ୧ ॥

ଅଦରଶନରେ ତବ ରୂପ ଘୃଣି
ନିରତ ନୟନୁ ନିରତ ଝରଇ
ଜୀବର ଜୀବନ ଦିଅ ଦରଶନ
ନକର ମୋରେ ନିରାଶ ॥ ୨ ॥

ଭକତି ପୀରତି କିଛି ନ ଜାଣଇଁ
ଚଞ୍ଚଳ ମୋ ମତି, ଲବେ ସ୍ଥିର ନାହିଁ
ଅଧିକ ନ ହେଲେ ଦିନାନ୍ତରେ ଥରେ
ଧିଆନ ନୟନେ ଆସ ॥ ୩ ॥

(୪)

ସଖିଗୋ, ଆଜ ସଜାଅ ଶେଯ
ଆସିବେ ଗୋ ପୁରେ ରସିକରାଜ ।। ୦ ।।

ସେ ରୂପ ଲାବଣ୍ୟ ହେରିବ ନେତ୍ର
କର୍ଣ୍ଣେ ଭରିବ ସେ ମଧୁ ସଙ୍ଗୀତ
ଚଉଦିଗ ଅଙ୍ଗବାସେ ମହକିବ
ପାରିଜାତ ଗନ୍ଧ ପାଇବ ଲାଜ ।। ୧ ।।

ବିତ୍ୟୁଛି କେତେ ରଜନୀ ଦିନ
ମରମ କଥା କରିବି ବଖାନ
ନୟନେ ସେ ରୂପ ନିରେଖିଲେ ଥରେ
ମଉଳି ଯିବତ ବିଷାଦ ତେଜ ।। ୨ ।।

ଦୁଃଖର ବିତାସ ଦେହ ଛପା ଦେବ
ଶୁଭ ପରଭାତେ ଏ ଜୀବନ ନାବ
ସେ ପ୍ରେମ ତରଙ୍ଗେ ନାଚିବ ଖେଳିବ
ଖୋଜିବ ତାହାର ଚରଣ ରଜ ।। ୩ ।।

ନିରେଖି ନୟନେ ସେ ରୂପ ମଧୁର
ଜୀବନର ସବୁ ଦୁଃଖ ହେବ ଦୂର
ପର ଦୁଃଖେ ଦୁଃଖୀ ପର ସୁଖେ ସୁଖୀ
ହେବାକୁ ଏ ଜୀବ ହୋଇବ ସଜ ।। ୪ ।।

(୪)

ପ୍ରେମର ଠାକୁର
        ମନ ବୃନ୍ଦାବନେ ବିଜେ କର
ହେରିବ ହୃଦୟ ଭରି
ରାଧା ଭୁଲେ ବେଣୁ ଧାରୀ
        ସ୍ଥିର ଏ ନୟନ ହେବ ସାର ॥ ୦ ॥

ପ୍ରେମେ ପୁଲକିତ ହୋଇ
ଯୁଗଳେ ପୂଜିବି ମୁହିଁ
        ଦୂର ହେବ ମନର ଅନ୍ଧାର
ପୂରିବ ମନ ବାସନା
ସାର୍ଥକ ହେବ କାମନା
        ନାମ ରଟୁଥିବ ମନ ମୋର ॥ ୧ ॥

ପଦେ ପଦ ଛନ୍ଦ ଦେଇ
ନାଚ ତିନ ଭଙ୍ଗୀ ହୋଇ
        କାନେ ଶୁଣୁଥିବ ବେଣୁସ୍ୱର
ସବୁ ଗରବ ଗୁମାନ
ପଲକେ ହେବ ବିଲୀନ
        ଝରିବ ହୃଦୟେ ପ୍ରେମଧାର ॥ ୨ ॥

ତୁମେ ହେ କରୁଣାକର
ଅପାର ଦୟା ସାଗର
ଧୋଇଦିଅ ମାୟା ମୋହ ଘୋର
ତୁମ ଚରଣେ ଶରଣ
ମାଗୁଅଛି ଅକିଞ୍ଚନ
ଦାସ ହୋଇ ସେବିବ ପଯୂର ॥ ୩ ॥

●

(୭)

ରହିଛି ମୁଁ ବାଟ ଅନାଇଁ
ସଜାଡ଼ି ସାଇତି ହୃଦୟ ଆସନ
କେତେବେଳେ ବିଜେ ହେବ ଗୋସାଇଁ ।।୦।।

ନିରଜନେ ଅଛି ମୁଁ ରହି
କୋଳାହଳ ନାହିଁତ କାହିଁ
ଭଜନ କୁଟୀରେ ତୁମ ପାଦ ତଳେ
ମନର ସୁମନ ଭେଟିବା ପାଇଁ ।। ୧ ।।

ନିଭିଗଲା ଏ ଘର ମୋର
ଚଉକତି ଅନ୍ଧକାର
ରବି ଶଶି ସିନା କିରଣ ଢାଳନ୍ତି
ଜଗ ବନ୍ଧଗଙ୍କୁ ହସି ହସାଇ ।। ୨ ।।

ତୁମେ ଏକା ପରାଣ ପତି
ଆସିବ ହେ ମୋର କତି
ଝଲକି ଉଠିବ ମୋ ଅନ୍ଧାର ଘର
ତୁମର କରୁଣା-କିରଣ ପାଇ ।। ୩ ।।

ମାନ ଅଭିମାନ ଭୁଲି
ମଥା ନୁଆଁଇବ ଖାଲି
ଆଶ ନାହିଁ ଆନରେ ମୋ ଆହେ କରୁଣାନିଧାନ ହେ ॥ ୫ ॥

ମୁଦିଲେ ନୟନ ମୋର
ଦିଶିବ ରୂପ ତୁମର
ଷଡ଼ରିପୁ ମୋ ଭିତର କରୁଥିବ ପରିତ୍ରାଣ ହେ ॥ ୬ ॥

ଧନଜନ ଗଉରବ
ମାଗୁନାହିଁ ବଇଭବ
ସେବା ଲାଗି ପଦତଳେ ଦିଅ ଖାଲି ଲବେ ଥାନ ହେ ॥ ୭ ॥

(୮)

ହୃଦୟ୍ବର ସ୍ୱାମୀ ମୋର
ନବ ବରଷର ପହିଲ ପ୍ରଭାତେ ପୂଜେ ଚରଣ ତୁମର ।। ୦ ।।

ଧୋଇ ଦେଇ ପଦ ନୟନ ଜଳରେ
ପୂଜିବି ପ୍ରଭୁ ହେ କମଳ ଦଳରେ
ଭକତି-ସୁମନେ ଗୁନ୍ଥି ମୁଁ ଯତନେ
ଗଳେ ଲମ୍ବାଇବି ହାର ।। ୧ ।।

ସେନେହ ଲତାରେ କୁସୁମ ଫୁଟିଛି
ନବ ସୁରଭିରେ ଭୁବନ ଭରିଛି
ନୂଆ ସାଜେ ଆଜି ଧରଣୀ ସାଜିଛି
ଦିଶୁଛି କି ମନୋହର ।। ୨ ।।

ମାଳତୀ ସୁବାସେ ଦିଗ ସୁରଭିତ
କୋଇଲି କଣ୍ଠରେ ବନ କୁହରିତ
ଅପୂର୍ବ ଗନ୍ଧେ ଚଉଦିଗ ଭରେ
ଆହା କିବା ସୁମଧୁର ।। ୩ ।।

ହୃଦୟ ବେଦନା ଦିଅ ପୋଛିଦିଅ
କଲମଷ ଯେତେ ଦୂରେ ଦୂରେ ନିଅ
ଏ ମନ ମନ୍ଦିରେ ନିଶି ଦିବସରେ
ବଜାଅ ମୁରଲୀ ସ୍ୱର ।। ୪ ।

ବିହଗ ଗାଉଛି ଆଗମନୀ ଗୀତ
ଏ ସାରା ଜଗତେ ଶୁଭୁଛି ଆରତି
ହେ ଆନନ୍ଦଘନ, ମାନସ ମୋହନ
ପ୍ରଣିପାତ ଘେନାକର ।। ୫ ।

(୯)

(ମୁଁ ଯେ) ଆଶାରେ ଗଣୁଛି ଦିନ
କେବେ ସତେ ମୋର ଭଙ୍ଗା କୁଡ଼ିଆରେ
ଦେବ ତୁମେ ଦରଶନ । ୦ ॥

ମୋହ-ମଦ-ନିଶା ଘୋରେ
ଶୋଇଥିବି ଅଚେତାରେ
ରୁମୁ ଝୁମୁ ତୁମ ଚରଣ ନୂପୁର
ଶବଦେ ଭାଙ୍ଗିବ ଘୁମ ॥ ୧ ॥

ମନ ଫୁଲ ହାର ଦେଇ
ଆଖି ନୀରେ ପାଦ ଧୋଇ
ଏ ମର ଦେହର 'ମୋର' ଭେଟି ଦେଇ
ପଶିବି ତୁମ ଶରଣ ॥ ୨ ॥

ମଥାରେ ଚରଣ ଧୂଳି
କେବେ ହୋଇବି ମୁଁ ବୋଲି
ଏତିକି ମନର ନିବେଦନ ମୋର
ଘେନାକର ଜୀବଧନ ॥ ୩ ॥

(୧୦)

ହୃଦୟ ମନ୍ଦିର ଦୁଆର ଫିଟାଇ
ସଜାଅରେ ସିଂହାସନ
'ଜୟଗୁରୁ' ଗାଇ ପରାଣ ପ୍ରଭୁରେ
କର କର ଆବାହନ ।। ୦ ।।

ବୁକୁରେ ଯାହାର ଘୁମାଇ କାଟିଲ ନିଶି
ଅତି ଆଦରରେ ମଥାରେ ଦେଲେ ଆଉଁସି
ସେଇ ଗୁରୁଦେବ ଅଭୟ ଚରଣେ
ସଁପିଦିଅ ମନ ପ୍ରାଣ ।। ୧ ।।

ଧୂପ, ଚନ୍ଦନ, ସୁବାସ, ସୁମନ
ଅରପ ଯୁଗଲ ପଦେ
ବାର ବାର କର ସାଥୀ ମନ ଭରି
ପ୍ରଣତି ମୁଦେ ଜଣାଣ
ଯହିଁ ଅଛୁ ଯିଏ ଏକ ମନ-ପ୍ରାଣେ
ଭଜ ସର୍ବେ ଗୁରୁନାମ ।। ୨ ।।

ମୁଖେ ଜପ ନାମ ଚିତ୍ତରେ ଧିଆନ କର
ସୁଖରେ ଦୁଃଖରେ ସତେ ନିଶିବାସର
ପାପୀ ତାପୀ ତ୍ରାଣ କରନ୍ତି ସେ ଏକା
ଗୁରୁ ପଦେ ରଖ ମନ ।। ୩ ।।

●

ମାଗୁଣି

ଗୁରୁ ପଦେ ନତ ଭକତ ଡାଳ ରୁ
ଏତକ ମାଗୁଣି କର
ଜୀବ ଯିବାବେଳେ ଗୁରୁ ନାମ ଗୋଟି
ନଯାଉ ମନୁ ପାଶୋର ।

(୧)

ଦୟାମୟ ! ଯେମନ ଗୁହାରି
ଦିଅ ମୋତେ ତୁମ ପ୍ରେମ-ପାଗଳ କରି ॥ ୦ ॥

ପଲକ ପାସୋରି ହେଉ
ଆଖି ତୁମ ରୂପ ଚୁହିଁ
ବାଉଳା କର ହେ ମୋତେ
ସରଗ ଶୋଭା ଦେଖାଇ
ତୁମ ନାମ ଗୀତ-ସୁର କାନରେ ମୋ ଦିଅ ଭରି ॥ ୧ ॥

ହାତକୁ ଚଳାଅ ମୋର
ତୁମରି ଚରଣ ତଳେ
ଦେହେ ଶୋଷ ମେଣ୍ଟି ଯାଉ
ପିଇ ନାମ-କୃପା ଜଳେ
ସୁଖ ଦୁଃଖ ଏକା ହେଉ ତୁମରି ଦାନ ସୁମରି ॥ ୨ ॥

ଯାହା ତୁମେ କର ସବୁ
ମୋହରି ମଙ୍ଗଳ ପାଇଁ
ତୁମ ବିନେ ନ ମାଗିବି
କାହାକୁ ହାତ ପତାଇ
ଶୟନେ ସ୍ୱପନେ ଖାଲି ତୁମ ଲାଗି ହେବି ଝୁରି ॥ ୩ ॥

(୨)

ଶୁଣ ମନମୋହନ ! ମନ ବାସନା
ଅଳ ଶୁଣିବାକୁ ମୋର ନକର ମନା ॥ ୦ ॥

ତୁମେ ତ ଭଲ ନାଉରୀ
ତୁମର ତ ଲୋଡ଼ା ତରୀ
ଏ ମୋର ତନୁ-ତରୀରେ ନଉକା ବନା
ଭଙ୍ଗି ରୁଜ ହାଣି କାଟି ଦେଇ ଯାତନା ॥ ୧ ॥

ଗଢ଼ା ମୂଲ ଦେବ ମୁହିଁ
ଜୀବନଟି ସଁପି ଦେଇ
ପାରକର ଦୁଃଖୀ ମୋର ସାଥୀ ଯାତନା
ସୁଖୀ ଲାଗି ମୋର ତଳେ ନାହିଁ ଭାବନା ॥ ୨ ॥

ମୋ ଦେହର ଗଢ଼ା ନାଆ
ଲାଗି ଯେବେ ଝଞ୍ଜା ବାଆ
ଅଥଳରେ ଯିବ ବୁଡ଼ି ସାହାର ବନା
ତରାଇ ହେ ! ତୋଳ ନେବ ଏତେ କାମନା ॥ ୩ ॥

(୩)

ଦୁଃଖ ଘରେ ଯେବେ ତୁମର ଆଲୁଅ ଜଳେ
ସୁଖର ଉଆସ ଲୋଡ଼ା ନାହିଁ ମୋର ତଳେ ॥ ୦ ॥

ହୋଇଥିଲେ ହେଉ ଅମା ଅନ୍ଧାରିଆ ରାତି
ଥିଲେ ଥାଉ ପଛେ ବଣ ଜନ୍ତୁଙ୍କର ଖିଆତି
ତୁମେ ଅଛ ମୋର କାହିଁ ପାଇଁ ଡର
ନିରଭୟ ତୁମ ବଳେ ॥ ୧ ॥

ଟୋପିଏ ପାଣିକ ଭରସା ନଥିବ ମୋର
ରୋଗେ ଶୋଷେ ପଡ଼ି ହେଉଥିବ କଲବଲ
ପଚାରି ନଥିବ କାହାକୁ, ତୁମର—
କର ମୋ ମଥାରେ ଥିଲେ ॥ ୨ ॥

ଗୋଟିଏ ମାଗୁଣି ଅଛି ଖାଲି ଶୁଣ ହେ ଅଁ !
ସାଥୀ ଛଡ଼ାକର ଦୂରରେ ମୋର ନ ରହ
ମନବଳ ଦିଅ, ମାଗୁଥିବ ସଦା
ବସିଛି ମୁଁ ବାପ କୋଳେ ॥ ୩ ॥

(୪)

ଗୁହାରି ମୋ ଶୁଣ ଠାକୁର !
ଜଣାଉଛୁ ଯୋଡ଼ି ମୁଁ କର ॥ ୦ ॥

ତୁମେ ଏକା ରାଜା ମୋର ମୁଁ ଚିର କଣା-କଙ୍କ
ତୁମ ଗୁଣ ଗାଇବାକୁ କଣ୍ଠରେ ମୋ ଦିଅ ସୁର ॥ ୧ ॥

ଚିତ୍ତର ଚିନ୍ତା ସାଉଣ୍ଟି ପ୍ରାଣର ଯେତେ ଉକ
ଜୀବନ ସୂତାରେ ଗୁନ୍ଥି ଭେଟି ଦେବି କରି ହାର ॥ ୨ ॥

ଦୁଆରେ ତୁମର ରହି ଥିବି ଶିଶୁ ମୁଖ ଗୃ
ଆହେ କରୁଣା ନିଧାନ ! ବାଞ୍ଛା ମୋ କର ପୂରଣ ॥ ୩ ॥

ନଉକରି ହେଉ ମୋର ତୁମ ପଦ ସେବା
ଏତିକି କେବଳ ଭିକ୍ଷା ନିରତ ଗୁରୁଦାସର ॥ ୪ ॥

(୫)

ଦେଖୁଛି ଯାହା ଏ ନୟନ ବନ, ଗିରି, ସାଗର
ପ୍ରକୃତିର କମ ରଚନା ସତେ କେଡ଼େ ସୁନ୍ଦର ॥ ୧ ॥

ଯେତେ ମତେଁ ଘେରେଁ ପ୍ରଭୁହେ ମନ ବଗୃରେ ମୋର
ସବୁଠି ତୁମରି କରୁଣା ଦୟାମୟ ଠାକୁର ॥ ୨ ॥

ବିପଦର ଜାଲ ଯେବେହେ ମାୟା ଦିଏ ଘେରାଇ
ଚଉଦିଗ ଦିଶେ ଅନ୍ଧାର ସାହା ହୁଅ ଗୋସାଇଁ ॥ ୩ ॥

ଆଖିର ପଲକେ ଘୁଞ୍ଚଇ ଦୁରୁଦିନ ମୋହର
ଅଦେଖାରେ ଥାଇ ହସିହେ ଚିର କରୁଣା କର ॥ ୪ ॥

ଶୂନ୍ୟ ଦିଶେ ଯେବେ ଭୁବନ ହୁଏ ଶ୍ମଶାନ ସରି
ହୃଦୟ ମଦ୍ଧରେ ତୁମେ ହେ ରାଜ ସୁଦୟା କରି ॥ ୫ ॥

ଖୋଲି ଦିଅ ପ୍ରଭୁ ଦୁଆର ଗୁରୁଦାସ ଭିଖାରି
ଭିକ୍ଷ ମାଗିବାକୁ ଆସିଛି ପୂରୁ ଆଶା ତାହାରି ॥ ୬ ॥

(୭)

ମନ ଗୁହାରି ମୋର ଘେନା ହେଉ ଠାକୁର !
ଗାଉଥିବି ତୁମ ଗୁଣ ନିଶି ବାସର ॥ ୦ ॥

ହୃଦୟ ବୃନ୍ଦାବନେ-ବିରଚି ସିଂହାସନ
ତୋଳି ମନ-ସୁମନ କରି ଅତି ଯତନ
ଚରଣେ ଭେଟି ଦେବି ତୁମର ॥ ୧ ॥

ଯତି ବିନେ ଯେସନ ସତୀ ନଜାଣେ ଆନ
ତୁମେ ଏକା ତେସନ ମୋର ଜୀବନ ଧନ
ତୁମ ବିନେ ସଂସାର ଅନ୍ଧାର ॥ ୨ ॥

ତୁମ ପଯୂର-ଧୂଳି ପ୍ରୀତି-ସଲିଳେ ଗୋଳି
ମଥାରେ ହୋଇ ବୋଳି, ନାଚିବି ମାରି ତାଳି
ଲଜ୍ଜ ମାନ ମୋ ଯିବ ପାସୋରି ॥ ୩ ॥

ଚରଣ ତଳେ ମୋତେ, ଠାବ ଦିଅ କୃପାରେ
ବିଶୋରି ଏ ଜଗତେ, ସେବା ଅନୁବରତେ
ବିରତ ହେଉ ମୋର ଜୀବର ॥ ୪ ॥

ମାଗୁଣି

(୭)

ମୁଖ ମୋ ଫିଟିବ ଯେବେ
ରଟିବ କେବଳ ପ୍ରଭୁ ! ତୁମରି ନାମଟି ତେବେ ॥ ୦ ॥

ମାଗୁ ନାହିଁ ଦିଅ ଧନ ବା ରତନ
ସହଜେ ତ ମୁହିଁ ଅତି ଅକିଞ୍ଚନ
ବଳ ଦିଅ ତୁମ ନାମ ଗାଇବାକୁ
ଯେତେ ଦିନ ଥିବ ଭବେ ॥ ୧ ॥

ସୁଖ ଅବା ଦୁଃଖ ଯାହା ଦେଲେ ଦିଅ
ତହିଁକି ଶୋଚନା ନାହିଁ ମୋର ଦିଅଁ
ଗାଇ ତୁମ ନାମ, ତୁମ ଦାନ ବୋଲି
ବାରୁଥିବ ଅନୁଭବେ ॥ ୨ ॥

ଯାହା ମୁଁ ଚିନ୍ତଇଁ ଯାହା ମୁଁ କରଇଁ
ତୃପ୍ତି ହେଉଥିବ ତୁମ ନାମ ଗାଇ
ଗୁରୁଦାସ ହୀନ ମାଗଇ ଏଥକୁ
ଗୁରୁହେ ! କରୁଣା ଲବେ ॥ ୩ ॥

(୮)

ଅପସାରିତ କର ପ୍ରଭୁ ! ନୟନରୁ ମୋର
ମାୟା-ମୋହର ତମିର
ଶ୍ରୀଚରଣେ ଅଳି ମୋର ॥୦॥

ବାସନାର ନାହିଁ ଅନ୍ତ
ସନ୍ତତ ଆକୁଳ ଚିତ୍ତ
ଅକୂଳ ସାଗର ମାରେ କେବେ ବୁଡ଼ିଯିବ ସବ
ନାହିଁତ କାଳ ବିଗ୍ଭର ॥ ୧ ॥

ରାଜ ତୁମେ ଚଉଦିଗେ
ମାରେ ନଭେ ବନ ଭାଗେ
ହେ ଅନନ୍ତ ଦରଶାଅ ଶୁଭ ପଥ
କର ଭବ ସାଗରରୁ ପାର ॥୨

କାନ୍ଦ ମରେ ଦ୍ୱନ ରାତି
ନାହିଁ ସଖା ନାହିଁ ସାଥୀ
ହେ ଅଗତି ଗତି, ଅବୁଝା ଏ ମତି
ଚରଣ ଧୂଳି ତବ ସାର ॥ ୩ ॥

(୯)

ଅନ୍ଧାର ଜୀବନ ମେଘେ ତୁମେ ଧ୍ରୁବତାରାତ
ଦରଶାଅ ପଥ ମୋରେ ହେଲେ ପଥ ହରାତ ।।୦।।

ରବି, ଶଶୀ, ଗ୍ରହ, ତାରା
ତୁମରି କରଣେ ଭରା
ପରାଣର ସାଥୀ ଏକା ତୁମେ ସିନା ଚରତ ।।୧।।

ତୁମେ ମାତା ତୁମେ ପିତା
ତୁମେ ବନ୍ଧୁ ତୁମେ ତ୍ରାତା
ତୁମ ବିନେ ସାହା କେହି ନାହିଁ ପ୍ରଭୁ ମୋରତ ।।୨।।

ତୁମେ ବରାଭୟ ଦାତା
ତିନି ଭୁବନ କରତା
ଜୀବନ ମରଣ ସବୁ ବିଧାନ ତୁମରି ତ ।।୩।।

ଯାବତ ଜନମ ଧରି
ଭେଟୁଛି ମୁଁ ଧେନା କରି
ଚରଣେ ଶରଣ ଦିଅ ଗତି ଅଗତିର ତ ।।୪।।

(୧୦)

ବନ୍ଧୁ ହେ ! ଆଉ ତ ଘୁଞ୍ଚିବ ନାହିଁ
ବୁକୁ ଚିର ତୁମେ ବସିବା ପାଇଁକି
ଆସନ ରଚିବି ମୁହିଁ ।। ୦ ।।

ଶିଶୁ ମୁଖ ତବ ନେତ୍ର ଦେଖୁଥିବି
ଆନେ ମୋର ଆଶ ନାହିଁ
ତୁମକୁ ହେରି ମୁଁ ବିଧାତାର ବରେ
ଆନରେ ନୋହିବି ବାଇ ।। ୧ ।।

ବାନ୍ଧିବି ତୁମର ଚରଣ ଯୁଗଳ
ପୀରତିର ଡୋରି ଦେଇ
ଦେଖିବି କାହାର ଅଛୁ କେତେ ବଳ
ମୋ ଠାରୁ ନେବ ଛଡ଼ାଇ ।। ୨ ।।

ଅତି ଯତନରେ ରତନ ଲଭି ମୁଁ
ଡାରିଲି ନାହିଁ କୋଳାଇ
ପାପ ଚିତ୍ତ ମୋର ସତତ ଚଞ୍ଚଳ
ସାହା ହୁଅ ଭବଗ୍ରାହୀ ।। ୩ ।।

ମିନତି

ଗୁରୁ ପଦେ ନତି ଜଣାଉ ମିନତି
ହେବୁ ଏ ବନ୍ଧନୁ ପାର
ତାଙ୍କ ଚରଣରେ ଧିଆନ ରଖିଲେ
ଘୁଞ୍ଚବ ମାୟାର ଡର ।

(୨)

ରଜନୀ ଧ୍ୱନ

ରଟ୍ଟ ଶ୍ରୀଗୁରୁ, ଜୟଗୁରୁ ବଦନ ॥ ୦ ॥

ସତ୍ୟର ଆଲୋକ, ତୁମେ ତିନ ଲୋକ-ପୂଜିତ
ହେ ଦେବ ମହାନ୍
ଅଜ୍ଞାନ ଅନ୍ଧକାର ଅମା ଦୂର କରି
କର ହେ କାମନା ପୂରଣ ॥ ୧

ସୁମଧୁର ସ୍ୱରେ ପ୍ରକୃତି କରେ
ତବ ଗୁଣ ଗୁଣ କୀର୍ତ୍ତନ
ତବ ଭାବ ଗତି ମୁହିଁ ମୂଢ଼ମତି
କି ବୁଝିବ ଅତି ଅଜ୍ଞାନ ॥ ୨

ଅତି ଆନନ୍ଦେ ଭକତ ବୃନ୍ଦେ
କରୁଥାନ୍ତି ଗୁଣ ଗାୟନ
ନିଖିଳ ଭୁବନ ସୁର ଯୋଗୀଜନ
କରନ୍ତି ଶ୍ରୀପଦ ବନ୍ଦନ ॥ ୩

ତୁମେ ଶୁଭ ଦାତା କଲ୍ୟାଣ କରତା
ସୁଧାଝର ତବ ଚରଣ
ହେ ଜଗତପତି, ତବ ପଦେ ମତି
ରହୁ, ଦିଅ ଚିର ଶରଣ ॥ ୪

(୩)

ଆହେ ଦୟାମୟ, ମହିମା ତୁମର
ଗାଉଛି ତିନି ଭୁବନ
ଜୟ ଜୟ ଜୟ ଭୁବନ ନନ୍ଦନ
ଜୟ ପରାଣର ଧନ ହେ ବନ୍ଦନ
ପ୍ରଣତି ମିନତି ଘେନ
ବିଶ୍ୱ ସମଗ୍ର ଯହିଁ ଦେଖେ ତହିଁ
ସବୁ ତୁମ ସରଜନ ।। ୧ ।।
ଘରେ, ପରବାସେ, ସୁଖେ ଅବା ଦୁଃଖେ
ତୁମକୁ କରି ଚିନ୍ତନ
ଅପାର ଆନନ୍ଦ ଲଭେ ଅବିରତ
ତୁମେ ସଖା ଜୀବଧନ
ହେ ବନ୍ଦନ ! ମାଗୁଅଛି ଦିବ୍ୟ ଜ୍ଞାନ
ଯହିଁ ତହିଁ ଥାଏ, ସମ୍ପଦେ ବିପଦେ
ଧାର ହେଉ ଗୁଣଗାନ ।। ୨ ।।
ମୃତ ସଞ୍ଜୀବନୀ ତୁମ ନାମ ଘୋଷି
ସଞ୍ଚରେ ପିଣ୍ଡେ ପରାଣ
ସମରପି ତବ ପଦେ ଦେହ ମନ
ମାଗୁଛି ଅଧମ ଜନ
ହେ ବନ୍ଦନ ! କର ଆଶୀର୍ବାଦ ଦାନ
ଯାଉ ଏ ଜୀବନ କରି ଚିର ଦିନ
ତୁମ କରମ ସାଧନ ।। ୩ ।।

(୪)

ମଣିମା ଶୁଣିମା ହେଉ ଅଳି ମନର
ଦୀନ ପତିତ ଜନରେ କରୁଣା କର ॥ ୦ ॥

ହୃଦ-ଆସନ ପାର
ବସିଛୁ ଅନୁସର
ଆସି ବିଜୟ କର
ସକଳ ତାପ ହର
ତୁମ ବିନୁ କେ ସାହା ନାହିଁ ମୋହର ॥ ୧ ॥

ହୁଅ ହେ ପରସନ୍ନ
ଦେଇ ଶୁଭ ଦର୍ଶନ
ସହି ନ ପାରେ ଆଉ
ଷଡ଼ ରିପୁର ଦାଉ
ଚିର ଚଞ୍ଚଳ ମତି କର ହେ ସ୍ଥିର ॥ ୨ ॥

ଡାକିତ ଜାଣେ ନାହିଁ
ଦିଅ ମୋତେ ବତାଇ
ଗାଇ ତୁମରି ନାମ
ନେବି ତୁମ ଶରଣ
ଅନ୍ତ ହେଉ ନାଥ ହେ ଜୀବନ ମୋର ॥ ୩ ॥

ମିନତି

(୫)

ଚରଣ ସେବାରେ ନିତିଦିନ ବିତୁ
ଜୀବନ ସ୍ୱାମୀ ହେ ! ଶୁଣ ଗୁହାରି
ଗାଇ ଗାଇ ତବନାମ ଗୁଣମାନ
ନାଚୁଥିବ ସୁଖ ଦୁଃଖ ପାଶୋରି ।। ୦ ।।

ବସିଅଛ ତୁମେ ହୃଦୟ ଆସନେ
ନିଶିଦିନ ମୁହିଁ ରଖିଥିବି ମନେ
ତୁମେ ଏକା ମୋର ଆଉସବୁ ପର
ନିଜ ସ୍ୱାର୍ଥ ଲାଗି ଅଛନ୍ତି ଘେରି ।। ୧ ।।

ପାପଚିନ୍ତା ଯେବେ ଚିତ୍ତକୁ ଘାରିବ
ତୁମେ ଦେଖୁଅଛ ପରାଣ ବାରିବ
ସେ କାଳରେ ନାଥ ! କରହେ ଏତିକି
ଲାଜ ସରମରେ ଯାଏ ମୁଁ ମରି ।। ୨ ।।

ଏ ଦୁନିଆଁ କୋଳାହଳର ମଝିରେ
ତବନାମ ବାଜୁଥିବ ମୋ କାନରେ
ସକଳ କରମେ ନୟନେ ନୟନେ
ଦିଶିଯାଉ ଥାଉ ରୂପ ତୁମରି ।। ୩ ।।

ସବୁଠାରେ ତୁମେ ରହିଅଛ ପୂରି
ପଶୁପକ୍ଷୀ କୀଟ ଅବା ନର ନାରୀ
ସମାନ ହେରିବ ଏ ମୋ ବେନି ନେତ୍ର
ପାତର ଅନ୍ତର ଭାବ ବିସୋରି ।। ୪ ।।

(୭)

ମାଗୁନାହିଁ ଧନଜନ ମାଗୁଛି ମୁଁ ଶରଣ
ଜାଣି ମୁହିଁ ଜାଣୁନାହିଁ ତୁମେ ଜୀବ କାରଣ ।। ୦ ।।

ନାହିଁ ନାହିଁ କେହି ମୋର
ଏ ସଂସାର ମାୟା ଘୋର
ହରବର କରୁଛନ୍ତି ଭଗାଣି ଛ' ଜଣ ।। ୧ ।।

ଚିତ୍ତରେ ଚିନ୍ତିବ ବୋଲି
ଦଣ୍ଡେ ଯେବେ ବସୁଥିଲି
ଚଞ୍ଚଳ ଏ ଚିତ୍ତ ଥାଇ କରେ ସଦା ବାରଣ ।। ୨ ।।

ଏତିକି କରୁଣା କର
କଣ୍ଠେ ମୋର ସୁର ଭର
ସବୁ ଭୁଲି ତୁମ ନାମ କରୁଥିବି ଗାୟନ ।। ୩ ।।

ଅଧମ ଜନର ସାହା ତୁମେ ଏକା ଚଉବାହା
ବକ୍ଷେ କର ପାତିଅଛି ତୁମ ଲାଗି ଆସନ ।। ୪ ।।

ଘର କର ଜଗତରେ
ଥିବି ତୁମର ଦୁଆରେ
ଗୁରୁଦାସ ପଣେ ସେବୁଥିବି ତୁମ ଚରଣ ।। ୫ ।।

(୭)

ଦୟାମୟ ! ଖୋଲି ଦିଅ ଏ ମୋର ମନଦୁଆର
ଅଭକତ ବୋଲି ମୁହିଁ
ହୃଦ ମୋର ଅନ୍ଧକାର ।। ୦ ।।

ତବ କୃପାଲୋକ ପାଇ
ଘନ କାଳିମା ଘୁଞ୍ଚଇ
ଗୁରୁନାମ ରହିଥାଉ
ଏ ପରାଣ ନିରନ୍ତର ।। ୧ ।।

କର ମଙ୍ଗଳ ବିଧାନ
ଅପସରୁ ଦୁରୁ ଦିନ
ଫେଡ଼ିଦିଅ ମାୟାଜାଲ ଦୂରେ
ଦୂରେ ଯାଉ ଅହଂକାର ।। ୨ ।।

ଭେଦା ଭେଦ ଭୁଲି ଯାଇ
ନାମ ରସେ ହୁଏ ବାଇ
ସମ ନିରେଖୁ ନୟନ ନ ହେବ ନିଜ ବା ପର ।। ୩ ।।

ତୁମେତ ଜୀବନ ସାଥୀ
ତୁମ ବିନେ କେ ନାହାନ୍ତି
ସାହା ହୁଅ କୃପାନିଧି !
ଏତିକି ମିନତି ମୋର ।। ୪ ।।

(୮)

ପଗିଣ ପତି ତୁ ଏକା ଅଗତିର ଗତି
ନାହିଁ ତୋ ବିନେ କେହି ଜଗତେ ମୁକତି । ୦ ।

ମିଛମାୟା ଘୋର ଘାରେ ନିରନ୍ତର
କି ଦିବସ କି ବା ରାତି
ପିତା ମାତା ମୋର ବାନ୍ଧବ ସୋଦର
ସଭିଏଁ ସୁଖର ସାଥୀ । ୧ ।

ଭଜନେ ପୂଜନେ ନାମଗୁଣଗାନେ
ଅଶକତ ଦିନରାତି
ଜାଣୁଛି କେବଳ ତୁ ଏକା ସମ୍ବଳ
ତେବେକେ ଚଞ୍ଚଳ ମତି । ୨ ।

ଏତିକି ମାତର ପାଦତଳେ ତୋର
ମାଗୁଣି ମୋହର ନିତି
ଧନ, ଜନ, ମାନ ସବୁ ଅକାରଣ
ଦିନଯାଉ ତୋତେ ଚିନ୍ତି । ୩ ।

ନଯାଉ ପାଶୋର କ୍ଷଣେ ହେଲେ ମୋର
ପଦରୁ ତୋର ଭକତି
ଭବଜଳନିଧି ପାରହେବା ପାଇଁ
ଭିଖ ମାଗେ ଶିର ପାତି । ୪ ।

(୯)

ତୁମେ ମୋ ମୁକତି ତୁମେ ମୋ ଶକତି
ସାଥୀ ତୁମ ବିନା ଆଉ କେ ଅଛି ମୋର
ତୁମର ଆଲୋକ ମଧୁ ଝଲକରେ
ଚଳୁଅଛି ପାଦ ନିଶି ବାସର ॥ ୦ ॥

ତୁମ ଗୀତ କରି କଣ୍ଠ ତଟ ମାଳ
ଦୁରୁଗମ ପଥ ଯିବି ମୁହିଁ ଚାଲି
ଅଭୟ ଅନ୍ତର ଦିଅ ଦୟା କରି
ପାରି ହେବି ମୋହ-ମାୟା-ସାଗର ॥ ୧ ॥

ବିପଦର ଭୟେ ନଯିବି ମୁଁ ଦୂରେ
ଥିଲେ ନାଥ ! ସଦା ତୁମେ ମୋ ପାଶରେ
ବନ୍ଧୁର ପଥରେ ନ ଝୁଣ୍ଟିବି ବାରେ
ଲଭୁଥିଲେ ତୁମ ସ୍ନେହ ଆଦର ॥ ୨ ॥

ପୂର୍ଣ୍ଣକର ପ୍ରଭୁ ! ସକଳ ବାସନା
ସମ୍ପଦେ ବିପଦେ ସାହା ତୁମେ ସିନା
ବାଞ୍ଛା କଳ୍ପତରୁ ପଦେ କରେ ଜଣା
କ୍ଷମ ଯେତେ ଅପରାଧ ମୋହର ॥ ୩ ॥

(୧୦)

ଠାକୁର ! ମୋ ମିନତି ଘେନା କର
ଏ ମୋ ମନ କୁଟୀର ଚିର ପବିତ୍ର କର
ଅନୁଦିନ ନିଶି ବାସର ॥ ୦ ॥

ରଚି ପ୍ରେମ ପରିବାର ଏ ସ୍ଥିର ପରାଣେ ମୋର
ମନ ଘରେ ଆସି ବିଜେ କର
ତବ ଶୁଭ ଶାସନ ବିସାରି ରଜନୀ ଦିନ
ଆସନ ଘେନ ହେ ତଥିତାର ॥ ୧ ॥

ସନ୍ତତ ନିଶିଦିନ କରିତବ ଅରଚନ
ବିତିଯାଉ କାଳ ମୋହର
ନିତି ନିତି ତବ ପ୍ରେମେ ମାତିଣ ମୁହିଁ ମରମେ
ତବଶୁଭ ନାମ କରେ ଦ୍ୱାର ॥ ୨ ॥

ମୋର ଷଡ଼ରିପୁ ଦଳ ହୋଇ ପ୍ରଭୁ ଏକମେଳ
ତବ ନାମେ ହୁଅନ୍ତୁ ବିଭୋର
ତବ ପ୍ରେମ ଆବିର୍ଭବ ଲଭି ନିରନ୍ତର ଭବ
ହେଉ ସୁରଧାମ ସରି ଦ୍ୱାର ॥ ୩ ॥

ଅଭିଳାଷ

ଅଭିଳାଷ କର ଗୁରୁ ସେବାପାଇଁ
ଅଭିଳାଷ ବ୍ରତ କର
ଗୁରୁ ଏକା ତୋର ଜୀବନ ନାଉରି
ଭବୁ କରିବେ ସେ ପାର ।

(୧)

ପ୍ରେମ ପାଶେ ବାନ୍ଧି ରଖିଛ ତୁମ୍ଭେ ନିରତ ମୋରେ
ଆକୁଳ ହୃଦୟ ଖୋଜଇ ଜାଗି ଦିବା ନିଶିରେ ।। ୧ ।।

ରବି, ଶଶୀ, ତାରା ଆକାଶେ ତବ ପ୍ରେମ ବିକଶେ
ତବ ପ୍ରେମ ପାଇ କାନନେ ନାନା କୁସୁମ ହସେ ।। ୨ ।।

ଫୁଲବାସ ଲୁଟି ମଳୟ ତବ ପ୍ରେମ ବିତରେ
ତୁମ ପ୍ରେମ ଗୀତ ଶୁଣାଏ ପିକ କୁହୁକୁ ସ୍ୱରେ ।। ୩ ।।

ଜଳେ, ସ୍ଥଳେ, ବନେ, ପର୍ବତେ ତବ ପ୍ରେମର ଗ୍ଲାଇ
କହ ଦେଖି ପ୍ରେମ ମୟ ହେ ! କାହିଁ ସେ ପ୍ରେମ କାହିଁ ।। ୪ ।।

କାନ ଶୁଣେ ଆଖି ନ ଦେଖେ ! ପ୍ରେମ ଛବି ତୁମର
ଖୋଜି ହୁଏ ତୁମ ପ୍ରେମକୁ ନିତି ହୃଦୟ ମୋର ।। ୫ ।।

କି କଲେ କି ଦେଲେ କେସନେ
ତୁମ ପ୍ରେମ ପାଇବି
ତୁମ ପ୍ରେମ ପାଇ ସଦା ମୁଁ ଏ ସଂସାର ତେଜିବି ।। ୬ ।।

ତେବେ ଅବା ପ୍ରେମମୟ ହେ !
ତୁମ ଚରଣ ତଳେ
ଦାସ ପଣେ ସେବା କରିବି ନିତି ମାନସ ଭଳେ ।। ୭ ।।

(୩)

କେବେ ହେବ ହରି ଧନେ ଧନୀ ହେ
ତୁମେ ହେବ ଗଳାରତ୍ନ ମଣି ॥ ୦ ॥

ହରି ପ୍ରେମାମୃତ ପାନେ ମୁଁ ନିରତ
କ୍ଷୁଧା ତୃଷ୍ଣା ପାଶୋରିବ
ଭାଇ, ବନ୍ଧୁ, ଜାୟା ଜଗତର ମାୟା
ମନୁଁ ଦୂରେ ବରଜିବ
ବାୟା ହେବ ହରିଗାନ ଶୁଣି ହେ ॥ ୧ ॥

ବସନ ଭୂଷଣ ଅଶନ ବ୍ୟସନ
ତହିଁ ଭୁଲେ ମୋର ମନ
ସବୁ ସମରପି ତବନାମ ଜପି
ହୋଇବ ମୁଁ ନିରଧନ
ମନଭୋର ହେବ ନାମଖଣି ହେ ॥ ୨ ॥

ବେଉସା ମେଳିବ ଧନୀ ବୋଲାଇବ
ତୁମପଦ ମୂଳ-ଧନେ
ସୁଧ ବଢ଼ାଇବ ଭଣ୍ଡାରେ ରଖିବ
ସାଇତି ନାମ ରତନ
ଏତେ ମାତର ମୋର ମାଗୁଣି ହେ ॥ ୩ ॥

(୪)

ଅଳି ମୋର ଏତେ ପରାଣ ସାଇଁ ।
ବଡ଼ ଆଶା କରି ଆସିଛୁ ଧାଇଁ
ଭେଟିବାକୁ ତବ ପଦେ ଗୋସାଇଁ
କରୁଣା କର ହେ ସୁଦୟା ବନ୍ଧୁ
ଆଣି ଅଛୁ ଯେତେ ମୁହିଁ
ସମରପି ଦେବ ଘେନାକର ପ୍ରଭୁ ।
ତବ ଶ୍ରୀକର ବଢ଼ାଇ ॥ ୧ ॥

ଅଗଣନ ନଦୀଧାର ଯେସନ
ଅଥଳ ସାଗରେ ହୁଏ ବିଲୀନ
ଆକୁଳ ନିରତ ଏ ମୋ ପରାଣ
ଅନନ୍ତ ପୟରେ ହେବାକୁ ଲୀନ
ଆନ ଆଶା କିଛି ନାହିଁ
ଅଚିନ୍ତା ଭୂମରେ ଚିର କାଳ ପାଇଁ
ନିହଲେ ଥିବ ଘୁମାଇ ॥ ୨ ॥

ଲୁଚି ଲୁଚି ତୁମେ କେବେ ଆସିବ
ହୃଦୟ ଆସନେ ମୋର ବସିବ

ହସ ମୁଖ ଛବ କେବେ ଦିଶିବ
ମନର ବେଦନା ସତେ ନାଶିବ
ଆହେ ମୋର ଚିତ୍ତ ଚୋର
ଦେହ ମନ ପ୍ରାଣ ସମରପି ପଦେ
ହୋଇବ ପ୍ରେମେ ବିଭୋର ॥ ୩ ॥

କେତେ ଆଶା ବାନ୍ଧି ପଥ ସୁମରି
ରହିଁ ବସିଛି ମୁଁ ଦିବା ଶବରୀ
କେବେ ନିରେଖିବ ନୟନ ଭରି
ନବ ନବ ସାଜେ ରୂପ ତୁମରି
ଧନ ଜନ ମାୟା ମୋହ
ଧରମ କରମ ସବୁ ଲୁଟି ନେଇ
ବଦଳରେ ଦେଖାଦିଅ ॥ ୪ ॥

ଯୁଗ ଯୁଗ ଧରି ଏ ଆଶା ମୋର
ପୂରିଇବ କହ କେବେ ଠାକୁର
ତୁମ ବିନେ ଆନ କିଏ ମୋହର
ଅଛି ଏ ଜଗତେ ହେ ମନଚୋର
ଆସ ତୁମେ କ୍ଷମାମୟ
କୋଟି ଅପରାଧ କ୍ଷମାକରି ପ୍ରଭୁ
ଚରଣେ ଶରଣ ଦିଅ ॥ ୫ ॥

(୫)

ଅନ୍ଧାର, ଆଲୋକ, ଖରା, ଛରା ଭରା ଦୁନିଆ ସାରା
ଏପଟେ ଜୀବନ ଆସେ
ସେପଟେ ଜୀବନ ଖସେ
ଜୀବନ, ମରଣ ଗଢ଼ାଏ ମରତ ପରମ୍ପରା ॥ ୧ ॥

ଏପଟେ ଅନ୍ଧାର ଆସେ
ବାଟ ଘାଟ ଛନ ଦିଶେ
ସେପଟେ ଉଦୟ ଭାନୁ ଆଲୋକେ ଝଲସେ ଧରା ॥ ୨ ॥

ଏପଟେ ବହ୍ନି ଜ୍ୱଳନ
ପରାଣ କରେ ଦହନ
ସେପଟେ ଶାନ୍ତ ନିଳୟ ଶୀତଳ ଲହରୀ ଧାରା ॥ ୩ ॥

ଏପଟେ ବିରୋଧ ଘୋର
ଦ୍ୱିଧା କରେ ହର ବର
ସେପଟେ ଅନାଇଁ ଦେଖ ମିଳନ ସୁଖ ମଧୁରା ॥ ୪ ॥

କେବେ ଆସିବ ସେ ଦିନ
ଭେଦ ଭାବ ଭୁଲି ମନ
"ସର୍ବେ ସୁଖୀନୋ ଭବନ୍ତୁ" ଭାଳି ହେବ ଆତ୍ମହରା ॥ ୫ ॥

(୭)

(କମ) ଚକା ଆଖିକି
ସତେ ଆଜ୍ଞ ଥରେ ଭେଟିବି କି ?

ମୁନି ଋଷି ଗଣ କରନ୍ତି ଧିଆନ
ଯେଉଁ ଚରଣ ବେନିକି ?
ତାର ଦରଶନ ପାଇଁକି ଭଜନ
ଏ ଅଧମ ହେବ ନିକି ? ॥ ୧ ॥

ପତିତପାବନ ବୋଲି ତ୍ରିଭୁବନ
ନାଗରା ବାଜୁଛି ଡାକି
ଶୁଣି ମୁଁ ପତିତ ଧାଇଁ ଆସିଛି ତ
ନ ଦେବ ହେ ମୋତେ ଠକି ? ॥ ୨ ॥

କହ ମୋ ବେଳକୁ ଗଲା କି ଗୋସାଇଁ
କରୁଣା ଝରଣା ଶୁଖି
ନ ଦେଲେ ନ ଦିଅ ଦରଶନ ଦିଅ
ରହିଲି ଦୁଆରେ ଠାକି ॥ ୩ ॥

(୬)

ଯେବେ ଅଭୟ ଚରଣେ ଶରଣ ଦେଲ ଠାକୁର
ମାୟା ଜାଲ ମୋହ ଅନ୍ଧକାର କର ଦୂର ॥

ଶରଣ ତୁମର ମୋ ଜୀବନ ଧନ
ନ ହରାଏଁ ଯେ ତୁମେ ହୋଇ ଅଚେତନ
ଏତିକ କରୁଣା କର ଦୟାନିଧି
ମାଗୁଛି ମୁଁ ଯୋଡ଼ କର ॥ ୧ ॥

ହୃଦୟ ରତନେ ହୃଦୟେ ରଖିବ
ଶୟନେ ସ୍ୱପନେ ନିତି ଦେଖୁଥିବ
କିଣା ଜନ ହୋଇ ସେବା କରୁଥିବ
ସାରାଟି ଜନମ ମୋର ॥ ୨ ॥

କଣ୍ଠ ଗାଉଥିବ ତୁମ ଗୁଣ ଗୀତ
ଭଲ ହେବ ମନ ତୁମର ପିରତି
ସାରା ଦୁନିଆଁରେ ଆଉ ନାହିଁ କେହି
ତୁମେ ମୋର ମୁଁ ତୁମର ॥ ୩ ॥

ଆଉ କିଛି ନାହିଁ ମୋର ମାଗିବାର
ପିଉଥିବ ତବ କରୁଣାର ଝର
ଦୁଃଖ, ଶୋକ ଭୁଲି ଯିବ ମୁଁ ନିକର
ଜୀବନର ଆଶା ସାର ॥ ୪ ॥

●

(୮)

ଅପସାରିତ କର ପ୍ରଭୁ ! ନୟନରୁ ମୋର
ମାୟା-ମୋହର ତିମିର
ଶ୍ରୀଚରଣେ ଅଳି ମୋର ॥ ୦ ॥

ବାସନାର ନାହିଁ ଅନ୍ତ
ସନ୍ତତ ଆକୁଳ ଚିତ୍ତ
ଅକୂଳ ସାଗର ମଝେ କେବେ ବୁଡ଼ି ଯିବ ସବୁ
ନାହିଁ ତ କାଳ ବିଳମ୍ବ ॥ ୧ ॥

ରାଜ ତୁମେ ଚଉଦିଗେ
ମଝେ ନଭେ ବନ ଭାଗେ
ହେ ଅନନ୍ତ ଦରଶାଅ ଶୁଭ ପଥ
କର ଭବ ସାଗରରୁ ପାର ॥ ୨

କାନ୍ଦ ମରେ ଦିନ ରାତି
ନାହିଁ ସଖା ନାହିଁ ସାଥୀ
ହେ ଅଗତି ଗତି, ଅବୁଝା ଏ ମତି
ଚରଣ ଧୂଳି ତବ ସାର ॥ ୩ ॥

(୯)

ନିତ ନୂଆ ନୂଆ ତୁମେ ମଧୁରୁ ମଧୁର ହେ
ଅପରୂପ ରୂପ ଧରି ! ବନ୍ଦେ ସୁର ନର ହେ ।। ୦ ।।

ପ୍ରେମର ମୂରତି ଧରି
କରୁଣା ମନାସ ମୋର
ତିନି ଭୁବନ ବନ୍ଦନ ପରମ ଈଶ୍ୱର ହେ ।। ୧ ।।

ତୁମେ ପ୍ରଭୁ ନିରାକାର
ତ୍ରିତାପ ସଂହାର କର
ମୁନି ସୁରଜନ ତବ ଚରଣ କୋଯୁର ହେ ।। ୨ ।।

କରେ ଯେ ତୁମ ଅର୍ଚ୍ଚନ
ଜୀବନ ତାହାର ଧନ୍ୟ
ସେ ଏକା ଲଭଇ ସିନା କରୁଣା ତୁମର ହେ ।। ୩ ।।

ଦୁଃଖେ ସୁଖେ ଦୟାମୟ
ସାହା ଏକା ତୁମେ ହୁଅ
ଭକତ ଜୀବନ ଧନ କରୁଣା ଆକର ହେ ।। ୪ ।।

ଯେବେ ବିପଦ ମରଣ
ଘାରି ଦେବ ଏ ଜୀବନ
ଶାନ୍ତ ରୂପ ଧରି ଦେବ   ପରଶ ତୁମରି ହେ ।। ୫ ।।

ଗୁରୁଦାସେ ଦାସ ପଣେ
ରଖ ତବ ଶ୍ରୀଚରଣେ
ନିରତ ମନ କାମନା   ଏତିକ ତାହାରି ହେ ।। ୬ ।।

(୧୦)

ସେ ଦିନ ହୋଇବ କେବେ ଅଛି ଅନାଇ
ପାଗଳ ହୋଇବି ଗୁରୁ ନାମକୁ ଗାଇ ॥ ୦ ॥

ମନ ବାସନା ମୋହର ଢାଳି ଦେଇ ପଦେ ତାର
ବିଚରିବି ସେ ନାମକୁ ଗାଇ ଗାଇ ॥ ୧ ॥

ଗୁରୁ ନାମକୁ ସୁମରି ଦିବସ ନିଶି ପାଶୋରି
ଭୁଲିବି ମୁଁ ସୁଖ ଦୁଃଖ କିଛି ନାହିଁ ॥ ୨ ॥

ବିହଙ୍ଗମ ଡାକ ଦେଲେ, ପଚାରିବି ତାକୁ ଭଲେ
କି ନାମ ତୁ ବୋଲୁଅଛୁ ଗାଇ ଗାଇ ? ॥ ୩ ॥

ତିନି ଭଙ୍ଗି ସେ କାଳିଆ ବନ କୁସୁମ ମାଳିଆ
କଦମ୍ବ ମୂଳରେ କା'ରେ ଥାଏ ଚାହିଁ ॥ ୪ ॥

କେବେ ଧୂଳି ଧରା ପରେ ହୀନ କାଙ୍ଗାଳ ବେଶରେ
ମାଗିବି ଭିଖ ଶ୍ରୀଗୁରୁ ନାମ ଗାଇ ॥ ୫ ॥

କେବେ ନୟନର ନୀରେ ଭିଜାଇ ଏ ହୃଦୟରେ
ଗୁରୁ ନାମ ସୁଧା ଧାରା ପିଇ ପିଇ ॥ ୬ ॥

ମନବୋଧ

ବାଉଳା ମନକୁ ବୁଝାଇ ସୁଝାଇ
କର ତାର ମନବୋଧ
ଗୁରୁ ପଦ-ରେଣୁ ପାଇବ ସେ ହେଲେ
ପୂରିବ ତା' ମନ ସାଧ ।

(୧)

ମନରେ, ଚନ୍ତାମଣି ଚନ୍ତାକର
ଶାନ୍ତିବାର ପାନେ   ଦୁଃଖ ଶୋକ ତୋର
ପଲକେ ହୋଇବ ଦୂର ॥ ୦ ॥

ଷଡ଼ରିପୁ ଡରବେରେ
ମାୟା ପାଶ ଘୁଞ୍ଚିବରେ
ସେ ନାମ ଭଜନ   କଲେରେ ମନୁଆଁ !
ସପନ ହେବ 'ମୁଁ କାର' ॥ ୧ ॥

ମନର ଭକତି ବାର
ପ୍ରେମ କଳସୀରେ ଭର
ଧୂଅ ତୁ ସବାଗେ   ସେ ପଦ ଯୁଗଳ
ଗାଇ ମୁଖେ ଗୁଣ ତାର ॥ ୨ ॥

ବରଜ ଗୁଆଳୀ ଗଣ
ଅରପି ମନ ଧିଆନ
ଲଭିଥିଲେ ପଗ   ଦନେରେ ମନୁଆଁ !
ପ୍ରୀତି ବରଜ ରାଜାର ॥ ୩ ॥

(୬)

ଚନ୍ଦ୍ରାମନୁ ବରଜ (ମନବାଇ)
ହସି ହସି, ରସି କ ହବସ କବା କସି
ଜୟଗୁରୁ ମୁଖେ ଭଜ । ୦ ।

ଏ ଧନଆ ସବୁ ଅନ୍ତେରେ ଅସାର
ଆଜ ଅଛୁ କାଲ ନାହିଁ ତୋ ସଂସାର
ବାପ ମାଆ ଭାଇ ଭାରଯା-ସଭିଏଁ
କଏ ତୋର ଥରେ ହେଜ । ୧ ।

ଧୀର ଚିତ୍ତରେ ତୁ କରତ ବିଚାର
ଦୁନିଆଁ ଭିତରେ ରହିଛକେ ଚିର ?
କଏ ପଠାଇଲା ତୋତେ ଏ ମରତେ
ଚିର କ ତୋ ତେଜ ଓଜ । ୨ ।

ବେଳ ଥାଉଁ ଗୁରୁନାମ ସୁଧା ପିଅ
ଆନନ୍ଦମୟୀର ସୁନା ପୁଅ ହୁଅ
ସଭିଙ୍କି ସମାନ ଆଖିରେ ଦେଖିବୁ
ଗଢ ଭକତ ସମାଜ । ୩ ।

ତନୁ, ମନ, ଧନ, ଗଉରବ, ମାନ
ସାଇତୁଛୁ ଯେତେ ଗରବ ଗୁମାନ
ସୁଖ ଯେବେ ଚାହୁଁ ଦୟାନିଧି ପଦେ
ଢାଳିବାକୁ ହୁଅ ସଜ । ୪ ।

(୩)

ଆରେ ବାଉଳା !
ବିଚ୍ଛର କରତୁ ମନେ ଥରେ
ଫୁଲ କି ପରଶେ ବାସ ଉଣା ଅଧିକରେ ? । ୦ ।

ମୋର ମୋର ବୋଲି କହି
ହରାଇଲୁ ସବୁ ତୁହି
ଏଥର ଯା ଆପଣାର ଦିଅତୁ ବାଣ୍ଟି ସକଳେ । ୧ ।

ମନରେ ବିଚ୍ଛର କର
କିଏ ନିଜର କିଏ ପର
ନୁହଁ କି ସନ୍ତାନ ତୁମେ ଜଗତେ ଏକା ମାଆର । ୨ ।

ଯାହାକୁ ତୁ ମଣୁ ଫଣୀ
ମାଥାରେ ତା ଅଛି ମଣି
ବଜାଇ ପ୍ରେମର ବଂଶୀ ସୁଖେ ଚଳ ଏ ସଂସାରେ । ୩ ।

(୪)

ମତ୍ତ ଏ ଜଗତ ଜୀବ ବିଷୟ ରସରେ
ସାଧୁ ସଙ୍ଗ ବନେ ନାହିଁ ନାହିଁ ଆନନ୍ଦରେ
ଶାନ୍ତ ଏକା ସାଧୁ ସଙ୍ଗ
ସାର କର ତେଣୁ ମନ ସାଧୁର ପ୍ରସଙ୍ଗ । ୧ ।

ଜଗତର ଚଉଦିଗ ମରୁ ବାଲି ଭରା
ସାଧୁ ଏକା ଖେଳାଇବେ ତହିଁ ଜଳଧାରା
ଶ୍ରାନ୍ତ କ୍ଳାନ୍ତ ପଥିକରେ
ଅନୁସରି ଚଳ ସାଧୁ ଚଳେ ଯେ ପଥରେ । ୨ ।

ସାଧୁ ଏକା ନି ଜଗତେ ଅତି ପ୍ରିୟଜନ
ସାଧୁ ସଙ୍ଗ ଏକା ଅମୂଲ ରତନ
ମୁକ୍ତି ପଥର ଆଶ୍ରୟ
ଦୂର ହେବ ଏ ଭବର ପାପ ତାପ ଭୟ । ୩ ।

ଈଶ୍ୱରଙ୍କ ପ୍ରିୟ ପାତ୍ର ଏକା ସାଧୁଜନ
ଜଗତ ଜନର ସାଧୁ ଭକତି ଭାଜନ

ସାଧୁ ଜନର ହୃଦୟ
ତହିଁ ପୂରି ରହିଥାଏ କେବଳ ବିନୟ ।୪।

ଗୁରୁ କୃପା ବିନେ ନାହିଁ ସାଧୁ ପରିଚୟ
ଗୁରୁ ସେବା କର ସଦା ଚିତ୍ତ କରି ଥୟ
ହେତୁ ରଖ ନିରନ୍ତର
ସାଧୁ ସଙ୍ଗ ଏକା ସାହା ଅଧମ ଜନର ।୫।

(୫)

ବାଇମନ କଥାଟି ହେଜ
ଭକତ ହେବାର ନୁହେଁ ସହଜ । ୦ ।

ଭକତ ହେବାକୁ ମନ ଯେବେ ତୋର
ଯହିଁଲେ ଶକତି ପୂଜାଟି କର
ଶକତି ବିନାରେ ଭକତି ତୋହର
ଉପୁଜିବା କଥା ମନୁଁ ବରଜ । ୧ ।

ଶକତି ପ୍ରକାଶ ହୋଇବ ଯେବେ
ପ୍ରକୃତି ବିନାଶ ହେବରେ ତେବେ
ମାନ ଅପମାନ ଅବଗୁଣ ଯେତେ
ସେ ସବୁକୁ ଆଗେ ଦୂରକୁ ତେଜ । ୨ ।

ଛଅ ଜଣ ରିପୁ ଅସଲ ଭଗାର
ତୋ ସଙ୍ଗରେ ଯେବେ ଯିବେ ସେ ହାର
ହେବ ଭୂତ ଶୁଦ୍ଧି ବଢ଼ିବରେ ବୁଦ୍ଧି
ଭୁଞ୍ଜ ବର୍ଣ୍ଣମାଳା ଘୋଷିବା ବ୍ୟାଜ । ୩ ।

ଚିତ୍ତ ଶୁଦ୍ଧି ଏକା ବୈଷ୍ଣବ ଲକ୍ଷଣ
ନିର୍ଦ୍ଦୟ ରୋଷ ହିଂସାର ଚିହ୍ନ
ମନରେ ବିବେକ ଯାର ହେଲେ ତୋର
ଭକତି ଲଭିବା ହୋଇବ ସହଜ । ୪ ।

ଭକତି ଉଦୟ ହେଲେ ଆରେ ମନ
ଦୂରେ ଯିବ ତୋର ଭେଦର ଜ୍ଞାନ
ପ୍ରବୃତ୍ତି ହୋଇବ ନିବାରିତ ତେବେ
ଜଗତେ ହେରିବୁ ବ୍ରହ୍ମ ବିରାଜ । ୫ ।

(୭)

ପାଗଳମନ, ବିକଳ ସିନାତୁ ଅକାରଣ । ୦ ।
ମିଛେ ମିଛେ ଭାବୁ ତୁହି
କି ହେବ କି ହେବ ନାହିଁ
ତୋ ଭାବନା କଳ୍ପନା
ପାଣିରେ ଗାର ସମାନ । ୧ ।

ତୋର ସଙ୍ଗେ କିବା ବଳ
ଅଛି ଜଣେ ଆଦ୍ୟ ମୂଳ
ତାର ଇଚ୍ଛା ସବୁ ସେତ
କରିବ ଭାର ବହନ । ୨ ।

ଅବିଶ୍ୱାସ ମନୁ ତୋର
ବରଜ ତୁ ନିରନ୍ତର
ପିତା ସେ ଯେ ସୁତ ପାଇଁ
ଭାବୁ ଅଛି ନିଶି ଦିନ । ୩ ।

ଚରାଚର ବିଶ୍ୱସାରା
ଅଧୀଶ୍ୱର ସେହିପରା
ଯାହା ଇଚ୍ଛା ତାହା କରୁ
ତା ପଦେ ରଖ ଧିଆନ । ୪ ।

(୭)

ବଚନ ମୋ ମାନ ମାନ ମିଶାଇ ଘଷଣ ମନ
ତୋଳ ପ୍ରେମେ ଯୋଳେ ମଧୁଛାନ
ନାମ ମଧୁ ମୁଖେ ପିଇ ହୃଅରେ ବଯୋର ତୁହିଁ
ଭୁଲ ଭୁଲ ମାୟାର ବନ୍ଧନ ॥ ୦ ॥

କୁସୁମ ପାରୁଶେ ଅଳି
କରଇ ଯେସନେ ଅଳି
ସେହି ମତ ପାସୋର ବଷାଦେ
ଗାଅ ଗାଅ ରେ ମୋଦେ
ଜୟଗୁରୁ ନାମ ନଶି ଦନ ॥ ୧ ॥

ପାହିଲା ରଜନୀ ଏବେ ଉଷା ହସିଲାଣି
ବନେ ବନେ ବିହଙ୍ଗମ ରାଗ ଶୁଭିଲାଣି
ଆଉ ନରହ ଘୁମାଇ ବେଗେ ତେଜ ଶେଯ ତୁହି
ସୁମର ସୁମର ବିଭୁ ନାମ ॥ ୨ ॥

ଚିତ୍ତରେ ପ୍ରୀତି ଭକତି କର ତୁହି ଠାଣ
ଜୟଗୁରୁ ଜୟଗୁରୁ କର ସୁମରଣ
ଗୁରୁଟି ଗତି ମୁକତି ଅବଳ ବଳ ଶକତି
ଏ ମାତ୍ର ବଚନ ଯେନ ନାହିଁ ରହ ଆନ ॥ ୩ ॥

(୮)

ହରି ନାମ ଘୋଷ ରସନା
ପୂରିବ ତୋ ମନ ବାସନା ॥ ୦ ॥

ସେଯେ, ସୁଖଦୁଃଖ ସାଥୀ
ଥାଏ ପାଶେ ନିତି
ଜଗତ ଜନର ହିତ ତାହାର କାମନା । ୧ ॥

ଜାତି, କୁଳ, ଧନ, ମାନ
ସବୁରି ନିଦାନ
କେ ଅଛି ଭବସାଗର ନାଉରି ତୋ ବିନା ॥ ୨ ॥

ସଂସାର ମାୟା ପାଶେର
ରଟି ହରି ହରି
ହରି ଏକା ହରିବେରେ ସକଳ ଯାତନା ॥ ୩ ॥

କର କର ଗୁଣଗାନ କି ରଜନୀ ଦିନ
ଷଡ଼ ରିପୁ ମାୟାରେ ତୁ
ଭୁଲନା ଭୁଲନା ॥ ୪ ॥

କରି ହରି ପଦସାର
ହେବୁ ଭବୁ ପାର
ହରି ବିନେ ଆନରେ ତୁ ମାନସ ! ରସନା ॥ ୫ ॥

(୯)

ପଦେ କଥା ଶୁଣ ବାଉଲା ! ମୋହର
ଜୟଗୁରୁ ବୋଲି ଡାକ ଡାକିଲା ପର ॥ ୦ ॥

ଧ୍ୟାଣ କର ତୁ ମନ
ଦେବେ ସେ ଦରଶନ
ପାପର ଗୁରୁ ଭର
ବହିବୁ କେତେ କାଳ
ଆଜହୁଁ ହେଜ ଥରେ ବସ୍ତୁର ॥ ୧ ॥

ଘାରିବ ପାପ ତାପ
କରିବୁ ଅନୁତାପ
ଷଡ଼ ବଇରୀ ଘେର
ଦେବେ ତୋ ମଥାଚୁରି
ଧିକ ହେବ ଜୀବନ ତୋହର ॥ ୨ ॥

ଡାକ ଜୀବନ ଧନେ
ଛେଦ ଭବ ବନ୍ଧନେ
ମୋହରେ ବୁଡ଼ି ରହି
ବାଉଳା ହୁଅ ନାହିଁ
ସାର କର ତୁ ନାମ ତାହାର ॥ ୩ ॥

(୧୦)

ସେ ଏକା ସାଥୀ ଏଇ ମର ସଂସାରେ
ତା ବିନା ଭୁଲନାରେ ରସି ଅସାରେ ।। ୦ ।।

କରି ସେ କରାଇ ଥାଇ ତା ବିନେ କେ ଆନ ନାହିଁ
ଅଡ଼େଇ ଦିନକୁ ଏତେ ଆଣ୍ଠି କଆଁରେ ।। ୧ ।।

ପିତା ବନ୍ଧୁ ସହୋଦର କହିବେ ସେ ମୋର ମୋର
ଘଟରେ ଥିବା ଯାଏ ତୋ ଜୀବ ସିନାରେ ।। ୨।।

ଯେବେରେ ଏ ଜୀବ ଯିବ ଘଟ ତୋ ମଡ଼ା ହେବ
ମଶାଣୀ ପଦାକୁ ତୁ ହେବୁ ବୁହାରେ ।। ୩ ।।

ଧନ ମାନ ଅଭିମାନ ସବୁ ତୋ ଅଡ଼େଇ ଦିନ
ଦୁଃଖ ବେଳେ ନ ଦେବେ କେ ଧରିକୁଆଁରେ ।। ୪ ।।

ଏତିକ ବେଳରୁ ହେଜ ଜୟଗୁରୁ ନାମ ଭଜ
ସୁଖ ଦୁଃଖର ତ ଏକା ସେହି ସାହାରେ ।। ୫ ।।

ନିଶି ଦିବସ ଘୁମାଇଁ କାଳକୁ ବିତାଅ ନାହିଁ
ଜୟଗୁରୁ ନାମ ଏକା ଶାନ୍ତି ଦିଆରେ ।। ୬ ।।

ଆରେରେ ପାଗଳା ମନ ! ମାନକୁ ମୋ କଥାମାନ
ଧୋଷି ହୁଅ ସଦା ଜୟଗୁରୁ ନାଆଁରେ ।। ୭ ।।

ହୋଇ ତୁ ଶ୍ରୀଗୁରୁ ଦାସ ଜୀବନକୁ କର ଶେଷ
ସେ ଏକା ଏ ଭବତରି ନାଉରିଆରେ ।। ୮ ।।

ମହିମା ଗାନ

ଗୁରୁ ମହିମା ତୁ ସଦା ଗାନ କର
ଗୁରୁ ପଦେ ରଖ ମତି
ଗୁରୁ ବିନୁ ତୋର ଆନ ଗତି ନାହିଁ
ଦେବେ ସେ ତୋତେ ମୁକତି ।

(୧)

ପଞ୍ଚାଶ ରେ,

ଡର ନାହିଁ ଆଖି ଆଗେ ଦେଖ ଭବ ନଦୀ ଧାର
ଅଛି ଜଣେ ନାଉରିଆ କରିବ ପାର ଉତ୍ତର ॥ ୦ ॥

ବଢ଼ି ନଈ ଗରଜନ ଶୁଣି ହେଉ ଛନ ଛନ
କୂଳ ଲଙ୍ଘି ଡେଉ ଦେଖି ଛାତି ତୋର ଥରଥର ॥ ୧ ॥

ଚଢ଼ରେ ସତ୍ୟର ନାଆ କହରେ ଗୁରୁର ନାଆଁ
ଠିକ ନାଆ ହେଲେ ହେଉ ଭଲେ. ଖାତର ନ କର ॥ ୨ ॥

କାଳ ମେଘ ଘୋଟେ ଯେବେ
ଆକାଶ କୋଣରେ ତେବେ
ଗୁରୁ ନାମ କୁନ୍ତ ଧରି ପେଠ ଫୁଠାଅ ତାହାର ॥ ୩ ॥

ନାଉରି ଜଣକ ଠାଣ
ଡାକ ଦେଇ ମନ ପ୍ରାଣ
କାତ ମାରି ସହଜରେ ତୋତେ ରେ କରିବେ ପାର ॥ ୪ ॥

ମନ ଖାଲି କରି ଠାଣ
ତା ପଦେ କରି ଧିଆନ
ଅଦେଖାରେ ଅଜଣାରେ ଆସି ହେବ ଆପଣାର ॥ ୫ ॥

ବଳେ ବଢିବରେ ବାହା ହୋଇବରେ ତୋର ସାହା
ଝଡ଼ ଝଞ୍ଜାକୁ ନ ଡରି ଗୁରୁ ନାମ ତୁ ସୁମର ॥ ୬ ॥

(୨)

ତୁମେ ସତ୍ୟ, ତୁମେ ନିତ୍ୟ   ତୁମେ ହେ ଆନନ୍ଦମୟ
ନିଜଗତେ ଶକ୍ତି କା'ର   ଦେବ ତୁମ ପରିଚୟ ? ॥ ୦ ॥

ସୁନୀଳ ଗଗନତଳେ   ରବି ଶଶୀ ତାରା ଖେଳେ
ଚପଳା ଚମକ ତୁଲେ   ଇନ୍ଦ୍ରଧନୁ ରଙ୍ଗ ବୋଳେ
ଉଷାଯୋଷା କୋଳେ ତୁମେ   ନବ ଅରୁଣ ହସାଅ ॥ ୧ ॥

ଏଇଯେ ଗିରି କନ୍ଦରେ   କୁଳୁ ଗାଇ ଆନନ୍ଦରେ
ବିମଳ ଝରଣା ଝରେ   ସାଗରର ତନୁ ଢାଳେ
ପଥ ତାକୁ କେ ବତାଏ   କହ ତୁମେ ଲୀଳାମୟ ॥ ୨ ॥

ସରସ ସୁମନ କଳି   ଧୀରେ ସମୀରେ ଦୋହଲି
ଫୁଟି ବାସ କିଏ ମେଲି   ପବନେ ନିଏ ତା' ହରି
କିଏ ତାକୁ ଏ ପୀରତି   ମନ୍ତର ଶିଖାଏ କହ ? ॥ ୩ ॥

ଶିଶିର ମଧୁର ହସ   ତା ମୁଖେ ଦରଠୋ ଭାଷ
ମାଆ ହୃଦୟେ ହରଷ   ଫୁଟାଇ ବାତ୍ସଲ୍ୟ ରସ
ଯୌବନେ ପ୍ରୀତି ସରସ   କାହା ପ୍ରେମ ଅଭିନୟ ॥ ୪ ॥

ଏ ମୋର ମରମ ଦେଶ　　　ଭରୀ ରଙ୍ଗ ରୂପ ରସ
କିଏ କରନ୍ତି ସୁରସ　　　ଦେଇ ନାନା ଅଭିଳାଷ
ସମ୍ପଦେ ବିପଦେ କିଏ　　　ସାହା ହୁଏ ଦୟାମୟ ? ॥ ୫ ॥

ଯେବେ ମୋହ ଅନ୍ଧକାର　　　ଘେରିଯାଏ ଏ ଶରୀର
ପ୍ରାଣ କରେ ହାହାକାର　　　ନ ଦିଶଇ ଥଳକୂଳ
ପରଶି ମଥାରେ କର　　　ଦାନ କରେ କେ ଅଭୟ ॥ ୬ ॥

(୩)

ଭକତ ଭକାଶ୍ରି ଯେହୁ ନାଥ ! ତବ ଚରଣେ
ଧନ୍ୟ ଧନ୍ୟ ଧନ୍ୟ ଏକା ସେହୁ ଏହି ଭୁବନେ ॥ ୦ ॥

ବରଜି ସଂସାର ଆଶା
ମୋହ ମଯ୍ୟାର ପିପାସା
ଶାନ୍ତି ସତ୍ୟେ ମଜ୍ଜି ରହେ ତେଜି ଭବ ଭରମେ ॥ ୧ ॥

ମହିମା ତୁମର ଗାଇ
କାଳ ଯାହାର ବିତଇ
ଚରଣ ତୁମର ରାଜେ ସଦା ଯା'ର ମରମେ ॥ ୨ ॥

ତବ ନାମ ସୁଧା ପାନ
କରେ ଯେହୁ ଭୃଙ୍ଗ ସମ
ପୂରିଥାଏ ଯାର ଚିତ୍ତ ଗୁରୁ ନାମ ସ୍ମରଣେ ॥ ୩ ॥

ବିବେକ ବୈରାଗ୍ୟ ଧାୟୀ
ତବ ଚରଣ ଆଶାୟୀ
ସାହାହୁଅ ତୁମେ ପ୍ରଭୁ ତାର ବାଞ୍ଛା ପୂରଣେ ॥ ୪ ॥

ଶିରେ ତବ ପଦ ଧୂଳି
ଭକତରେ ହୁଏ ବୋଲି
ଶରଣ ମାଗଇ ରହି ଜୟଗୁରୁ ବଦନେ ॥ ୫ ॥

(୪)

ଆସିଛେଁ ସରବେ ଏକଠାବୁଁ ଯିବା ଏକ ଠାବକୁ ତ ପୁଣି
ଏକ ପିତାର ତ ସନ୍ତାନ ସଭିଏଁ ଏକଥାକୁ ମନେ ଗୁଣି
ଆସ ମିଳି ସକଳେ
ଗାଅ ଜୟଗୁରୁ ସଦା କାଳେ ॥ ୧ ॥

ଏକମନ ଏକ ପ୍ରାଣ ହୋଇ ଗାଅ ଗାଅରେ କଣ୍ଠ ମିଳାଇ
ଜୀବନ ମରଣ ସାଥୀ ହେବାକୁ ତ ଆଉ ଜଣେ କେହି ନାହିଁ
ଗୁରୁ ବିହୁନେ କେହି
ଏ ଜଗତେ ତ୍ରାଣକାରୀ ନାହିଁ ॥ ୨ ॥

ଯାର ପ୍ରେମରସେ ନିମଗନ ହୋଇ ପ୍ରେମ ଧାମେ ଯିବା ଚାଲି
ତାହାର କରୁଣା ରସପାନେ ଚିତ୍ତ ସଦା ରହିଥାଉ ଭଲି
ଯହିଁ ଭକତ ଜନ
ନାମ ଗାଏ ତହିଁ ଭଗବାନ ॥ ୩ ॥

ପ୍ରେମମୟ ଗୁରୁ ବିଜ୍ଞାନ ବିଗ୍ରହ ଭବଭୟ ନିବାରକ
ଆଶିଷ ତାଙ୍କର ଇହ ଜଗତର ଚିର ସଙ୍କଟ ତାରକ
ଗୁରୁନାମଟି ଗାଇ
ଜୀବ ଯାଉ ଗୁରୁଦାସ ହୋଇ ॥ ୪ ॥

(୪)

ଏ ନୟନ, କର କର ଗୁରୁ ରୂପ ଦରଶନ
ଭୁବନ ନନ୍ଦନ ମନ ବିମୋହନ
ଭବ ସଙ୍କଟ ନାଶନ ॥ ୦ ॥

ଚରଣରୁ ଯାର ଅମିୟ ନିର୍ଝର
ଲିଭାଇ ଦିଏ ଯେ ଭବ ଦାବାନଳ
ତୃଷିତ ଚାତକ ସମାନ ଭକତ
ଲୋଡ଼େ ଯେଉଁ ସୁଧାପାନ ॥ ୧ ॥

ଅଧରେ ବିକଶେ ହାସ ମନୋହର
ଉଲ୍ଲସାଇ ଦିଏ ବିଶ୍ୱ ଚରାଚର
ଶିରେ ବିରାଜଇ କେଶ ସୁଶୋଭନ
ତିନି ଜଗତ ପାବନ ॥ ୨ ॥

ଅକଳଙ୍କ ଶଶୀ ପୁଣି ଝଲମଲ
ଜ୍ଞାନ ପ୍ରେମ ଭରା ନେତ୍ର ସୁମଞ୍ଜୁଳ
ଅମା ନାଶୀ ତେଜ ଫୁଟି ଉଠେ ଯହିଁ କରେ
ଜଗତ ଦୁଃଖ ନାଶନ ॥ ୩ ॥

(୭)

ତେଜ ମନ କଲେ ତୁମକୁ ବନ୍ଧୁ ହେ
ତୁମେ ତ ନ କର ଅନ୍ତର
ମୁଖ ଖୋଲି ମୁହିଁ ନ କହିଲେ ହେଲେ
ତୁମେ ତ ବୁଝୁଛ ଅନ୍ତର ॥ ୦ ॥

ଜୀବନର ଯେତେ ବେଦନା କଷଣ
ନ କହିଲେ ହେଲେ ସବୁ ତୁମେ ଜାଣ
ଅଦେଖାରେ କାହିଁ ଥାଇ ପ୍ରିୟବର
ଭଣ ତ ମୋହନ ମନ୍ତର ॥ ୧ ॥

ସୁଖ ନ ପାଇଲେ ତୁମକୁ ମୁଁ ହେଲେ
ଜାଣୁଛି ମୁଁ ତୁମେ ସୁଖ ପାଅ ଭଲେ
ଛଳେ ହେଲେ କାହିଁ ସ୍ୱାର୍ଥ ନ ଥାଇତ
ନାହିଁ କେ ବାନ୍ଧବ ମୋହର ॥ ୨ ॥

ଘେରିଅଛି ଚଉଦିଗେ ମୋ ଅନ୍ଧାର
ଭବ ପାରିବାର ନାହିଁ କୂଳ ତାର

ଯେବେ ଡାକ ଦେଲେ ତବ ଶୀରମୁଖ
ନ ଦେଖି ହୁଏ ମୁଁ କାତର ॥ ୩ ॥

ଜଳାଇ ଆଲୋକ ଜୀବନେ ନରତ
ରଖିଛ ତୁମେ ହେ ଅପାଶୋରା ସେତ
ମାୟା-ମୋହ ଘନ ତମସାରେ ଘେରା
ଚଉଦ୍ଦଗେ ଏହି ସଂସାର ॥ ୪ ॥

●

(୭)

ଖୋଜ ଦେଖ ସାରା ସଂସାର
ମନୁଁ କାର ତୁମେ ଯିବ ପାସୋର ॥ ୦ ॥

ଏ ଭବର ତୁମେ ନାଉରୀ
ପାପ ତାପ ହରଣ କାରୀ
ପରାଣରୁ ବଳି ତୁମେ ଆପଣାର
ଏ ଜଗତେ ତୁମ କରୁଣାସାର ॥ ୧ ॥

ଆଲୋକଇ ସାରା ସଂସାର
ତୁମ ରୂପ ବିମଳ କର
ଜୀବର ଜୀବନ ପରାଣର ଧନ
ଚରଣରୁ ଝରେ ଅମୃତଝର ॥ ୨ ॥

କି ମଧୁର ତୁମ ମୂରତି
ମୋହ କରେ ଏ ସାରା କ୍ଷିତି
ଜଗତର ପିତା ପରମ ଦେବତା
କରୁଣା କଣିକା ବାରେ ବିତର ॥ ୩ ॥

ପାପୀ ପାପ ହରଣ ପାଇଁ
ନାନା ରୂପେ ଆସ ଗୋସାଇଁ
ପ୍ରାଣୀର ବେଦନା ହରିବାକୁ ସିନା
ଡାକ ଦିଅ ତୁମେ ଥରକୁଥର ॥ ୪ ॥

(୮)

ଜୀବନେ କେବେ ଆସିବ ସେଦିନ
ଲଭିବ ତବ ପଦ ଦରଶନ
ଜୟଗୁରୁ ନାମ କରି ଗାୟନ
ଦିବା ନିଶି ହେବ ପ୍ରେମେ ମଗନ
ଅସାର ଜୀବନ
ମିଛେ ଆଶାକରେ ଧନ ସମ୍ମାନ ॥ ୧ ॥

ତୁମେ ତ ଏକା ଏ ଜୀବନ-ଧନ
ଆଉ ଯେତେ ଯାହା ସବୁ ଦି ଦିନ
କେଉଁ ସୁଶୀତଳ ଶଶୀ କିରଣ
ଆସଇ ଦିନ ହୁଏ ସେ ବିଲୀନ
ଦି'ଦିନର ପାଇଁ
ତୁଚ୍ଛା ଗରବ ମନରେ କିପାଇଁ ? ॥ ୨ ॥

ସୁଖ ଅବା ଦୁଃଖ ସବୁ ସମାନ
ତବ କରୁଣା ବିନୁରୁ ଏ ମନ
ଦିବସ ନିଶି ମିଶି ଏକ ଦିନ
ତୁମେ ଅଟ ଜଗତର କାରଣ
ତୁମ ଇଚ୍ଛା ବଳେ
ମାୟା-ମୋହ-ଢେଉ ଜଗତଚଳେ ॥ ୩ ॥

ଏ ଜଗତେ କେହ ନୁହଇ ମୋର
ଦାର ସୁତ ସୁତା ମାତାପିଅର
ଧନ ଯଉବନ ସବୁ ଅସାର
ମୋହ ବନ୍ଧନରେ ବନ୍ଧା ସଂସାର
ଷଡ଼ ରିପୁ ଘେରି
ଅଥୟ କରନ୍ତି ଦିବା ଶର୍ବରୀ ॥ ୪ ॥

(୯)

ଭକତିରେ ଗୁରୁପଦେ କରେ ଯେ ଜୁହାର
ଏ ମର ଜଗତେ ତା'ର ଜୀବନଟି ସାର
ଦୁନିଆଁର ମୋହ ମାୟା
ଛୁଇଁ ନ ପାରେ ଯା କାୟା
ଗୁରୁନାମ ଗାଇ ବାୟା ଯେହୁ ନିରନ୍ତର
ତା'ର ଜୀବନଟି ସାର ॥ ୧ ॥

ହୃଦ ଆସନେ ବସାଇ
ଗୁରୁପଦ ପୂଜୁ ଥାଇ
ଗଳେ ଯେ ଦିଏ ଲମ୍ବାଇ ମନ ଫୁଲହାର
ତା'ର ଜୀବନଟି ସାର ॥ ୨ ॥

ପିପାସାଟି ମାନସର ନିରତ ତୃପତ ଯାର
ଗୁରୁପଦ ପଙ୍କଜର ହୋଇ ମଧୁକର
ତା'ର ଜୀବନଟି ସାର ॥ ୩ ॥

(୧୦)

ମଣି ଆପଣା ଜନ
ସମର ପଣ କର ପରାଣ ମନ ।୦।

ଅଛନ୍ତି ସେ ଜଗତ ଜୀବ ଜୀବନ
ସାରା ସଂସାର କରୁଛନ୍ତି ପାଳନ ।୧।

ସହସ୍ର ଧାରେ କୃପା କର ବର୍ଷଣ
କରୁଛନ୍ତି ସୁଦୟା ସେ ବିତରଣ ।୨।

ମୋହ ମୟାରେ ଭୁଲି ତାଙ୍କର ନାମ
ବିଷୟା ବିଷ ପାନେ ନୁହ ମଗନ ।୩।

ନିରେଖି ସେ ମାଧୁରୀ ମନ ମୋହନ
ହୃଦ ଆଲୋକ କରି କି ଶୋଭିବନ ।୪।

ଭବ ସାଗର ପାରି ପାଇଁ କାରଣ
ତାଙ୍କ ବିନାରେ କେହି ନାହିଁ ତ ଆନ ।୫।

ଦେବେ ଚରଣ-ତରୀ ସେ ଭଗବାନ
ଦିବସ ନିଶି ଗୁଣି ହୁଅ ସେ ନାମ ।୬।

ମୋହରେ ମତ୍ତ ହୋଇ ତୁ ନିଶି ଦିନ
ପାଶୋରି ଦିଅ ନାହିଁ ମନ ସେ ଧନ ।୭।

ମୁକତି ପାଇଁ ଯେବେ କରୁ ଭାବନ
ସେହି ନାମକୁ ଏକା କର ଚିନ୍ତନ ।୮।

ନାମ ମହାତ୍ମ୍ୟ

ନାମ-ମହାତ୍ମ୍ୟର ସୁଧା ପାନ ପାଇଁ
ମନୁଆଁ ଭୁ ତୃଷା ବାଇ
ସେ ଅମୃତ ପାନେ ଯେତେ ଦୁଃଖ ତୋର
ସବୁ ହୋଇ ଯିବ ଧୋଇ ।

(୧)

ଗୁରୁ ପଦେ ମାଗରେ ଯାଇ
ବାଇ ହେବୁ ବୋଲି ସେନାମ ଗାଇ
ଗାଇବୁ ତୁ ସେ ନାମ ଯେବେ
ଶୁଣି ଜନେ ପାଗଳ ହେବେ
ସେଇ ସୁର ଛନ୍ଦ ତାଳମାନ ଜଗି
ଗାଇ ଜଗତରେ ଦଅ ମତାଇ । ୧ ।

କଠିଣ ସେ ପୀରତ-ଗୀତ
ନ କଲେ ତୁ ପଥର ଛାତି
ଗାଇଲା ବେଳକୁ ରିପୁକୂଳ ଆସି
ତାଳମାନ ତୋର ଦେବେ ଭଙ୍ଗାଇ । ୨ ।

ରହିବାକୁ ଭଗାଣ ଦୂରେ
ଅଳକର ଗୁରୁ ଛାମୁରେ
ଗୁରୁ ଚାହିଁ ଦେଲେ ଆଖି ପିଛୁଳାକେ
ସେଏଁ ସେ ତୋ ପାଶୁଁ ଯିବେ ପଳାଇ । ୩ ।

ଏଥିକୁ ତୁ ଗୁରୁଙ୍କୁ ଭେଟି
ଦେବୁ କହ ତୋର କେଉଁଟି
ଧନ ମାନ ଯାହା ସବୁ ତାଙ୍କ ଦାନ
ମନ ତୋର ଦଅ ଗୁରୁଙ୍କୁ ଧାଇଁ । ୪ ।

(୨)

ଗୁରୁ ନାମ ତୁ ସାର କର ମାନସ
ଦୂର ହେବରେ ଭବ-ଦୁଃଖ-ପରାଶ । ୦ ।

ଜୟଗୁରୁ ନାମ ଧିଆନ ମନେ
ଅନନ୍ତ ବ୍ରହ୍ମାଣ୍ଡ ରଚେ ଯାହାର ନାମେ
ସେହିତ ପ୍ରାଣଧନ   ତ୍ରିଭୁବନ କାରଣ
ପାପୀ ତାପୀ ତାରଣ   ସେ ଯେ ଦୟା ନିଧାନ
ଗାଅ ଗାଅ ସେ ନାମ ନିଶି ଦିବସ । ୧ ।

ଚେତନରେ ଜୟଗୁରୁ ହେଜରେ ତୁହି
ସପନରେ ହେରଗୁରୁ ସ୍ୱରୂପ ଗୁଇ
ସକଳ କରମରେ   ସେନାମ ସୁମରରେ
ସଲଖ ବାଟ ସେହି   ଦେବେ ତୋତେ ବତାଇ
ଅବାଟେ ଯିବା ପାଇଁ   ଆଶା ବଳବ ନାହିଁ
ଗୁରୁ କୃପାରୁ ଲଭିବୁରେ ସନ୍ତୋଷ । ୨ ।

ସୁମନ କୁମନ ଦୁହେଁ ଜଗିଆ ଥାଇ
କାହାର ତୁଟଲ କାହାର ପଡ଼ଇ ନାହିଁ
ସୁମନ ରାହା ସାହା   କୁମନ ଭଙ୍ଗେ ତାହା
ଗୁରୁ ଭରସା ଏକା   ତୁଟିବ ସବୁ ଧୋକା
ସେ ଏକା କରିବେ କୁମନରେ ବିନାଶ । ୩ ।

ସୁମନ କହୁଛୁ ତର ଭବ ସାଗର
କୁମନ ପଛରୁ ପାଦ ଟାଣୁଛୁ ତୋର
ଗୁରୁ ତୋ ନାଉରିଆ   କାତଧରି ସେ ଠିଆ
କଲେ ତୁ ତାଙ୍କ ଆଶ   କୁମନ ଯିବ ନାଶ
ସହଜେ ପହଞ୍ଚିବୁ ତୁ ମୁକତି ଦେଶ । ୪ ।

ଗୁରୁ ନାମ ରସ ପିଇ ପାଗଳ ହୁଅ
ଆଶିଷ ଆଶାରେ ଭିଖ ଥାଳ ପତାଅ
ଧନ ଜନ ଗରବ   ଦୁ ଦିନିଆ ପରବ
ଗୁରୁ ପଦ ଶରଣ   ଏକା ଅମୂଲ ଧନ
ନିଆଁ ପୋଡ଼ିବ ନାହିଁ   ଖଣ୍ଡି ଲୁଟିବ ନାହିଁ
ମାଗରେ ମନ ହୋଇ ତୁ ଗୁରୁଦାସ । ୫ ।

(୩)

ଗୁରୁ ନାମ ଠାରୁ ବଳି ସୁଧା-ମଧୁ ନାହିଁ ନାହିଁ
ହୃଅରେ ପାଗଳ ମନ, ସେ ମଧୁକୁ ପିଇ ପିଇ । ୦ ।

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ସେ ସୁଧା ପାନେ ବିଭୋର
ପାର୍ବତୀ, ଗଣେଶ, ରୁଦ୍ର ନାମାମୃତ ପିଇ ଭାଇ । ୧ ।

ସଦା ଗୁରୁ ପରସାଦେ
ନାମ ସୁଧା ପିଇ ମୋଦେ
ଅନ୍ତମେ ସୁଗତି ପଥ ଲଭ ଆରେ ମନ-ଭାଇ । ୨ ।

ଗୁରୁ ସେବା ସାଧୁସଙ୍ଗ
ଗୁରୁ ନାମ ପରସଙ୍ଗ
ଏ ଜୀବନ ଶାନ୍ତି ସୁଧା ବରଷଣେ ସାଥୀ ସେହି । ୩ ।

ସୃଷ୍ଟି ସ୍ଥିତିର କାରଣ
ଗୁରୁ ନାମ ସୁମରଣ
ପାନ କର ସଦା ମନ କାଳ କାଟ ନାମଧ୍ୟାୟୀ । ୪ ।

(୪)

ସେଇ ଘରେ ବସା ବାନ୍ଧ ମନ
ସାଇତା ଯେଉଁଠି ଅଛୁ ନାମରତ୍ନ ଧନରେ । ୦ ।

ଗୁରୁ ଖୁଣ୍ଟ ସେ ଘରର
ଟେକ ରଖିଛୁରେ ଗୁରୁ
ସତ୍ୟ, ଶାନ୍ତ, ଦୟା, କ୍ଷମା ସେ ଗୁରୁ ଖୁଣ୍ଟର ନାମ । ୧ ।

ଆଶିଷ-ଚନ୍ଦି ଛପର
ବିଜେ ସେ ଘରେ ଠାକୁର
ମନ-ଫୁଲ ହାର ଭେଟି ତା' ପଦେ କର ପ୍ରଣାମ । ୨ ।

ଚଉପାଶେ ଦେଇ ଘେର
ମାୟା ମୋହ ପରିବାର
ପଥ ଓଗାଳନ୍ତି ଚୋର, ଡରନ୍ତି ଗୁରୁ ତାଙ୍କ ଠାଣ । ୩ ।

ସୁଖ, ଦୁଃଖ, ହସ, କାନ୍ଦ
ସବୁ ଦେଇ ନଇବେଦ୍ୟ
ନାଚ ସିଂହାସନ ଆଗେ କରି ଗୁରୁପ୍ରେମ ଗାନ । ୪ ।

କାଇମନରେ,
ଗାଆ ଗାଆ ତା'ର ନାମ କବା ନିଶିଦିନ । ୦ ।

ଗାଏ ବିହଙ୍ଗମ ବନେ ବନେ
କିଏ ଶୁଣେ ଅବା କେ ନଶୁଣେ
ବୁଝୁ ଅବା ନ.ବୁଝୁରେ କେହି
ତୁହି ଗଉ ଥାଅ ଅବିରାମ । ୧ ।

ଥରେ ହେଜ ତୁ ଚଉଡ଼େ ବିସ୍ତର
ଫୁଟିଇଛି ଫୁଲ ଅସୁମାର
ଝରିଯାଏ ସୁବାସ ବିତର
ସେହିମତି, କରିଯାଅ ଗନ୍ଧ ବିତରଣ । ୨ ।

ଯାର ବିରହେ ଲୋତକ ଝରେ
ଭେଟିଲେ ତୁ ଭେଟି ପାରୁ ତାରେ
ଶେଷ ହେବାଯାଏ କଣ୍ଠେ ସ୍ୱର
କରୁଥାଅ ତା'ର ଗୁଣଗାନ । ୩ ।

(୭)

ମନ ହୁଅରେ ବାଇ
ଶ୍ରୀଗୁରୁ ଗୋବିନ୍ଦ ନାମ ତୁ ଗାଇ । ୦ ।

ଲଭିବୁରେ ମନେ ଆନନ୍ଦ
ଦୂରେ ଯିବ ସବୁ ବିଷାଦ
ଏଭବ ସାଗରୁ ପାର ହୋଇବୁ ତୁ
ହେଲେ ହରିଗୁଣ ନାମକୁ ଧ୍ୟାୟି । ୧ ।

ଗୁରୁ ପଦ ଭରସା କର
ରଟ ଗୁରୁ ନାମ ମଧୁର
ଦିବସ ରଜନୀ ଗୁରୁ ନାମ ଗାଇ
ନାଚ ଉଠ, ଯିବ ଦୁଃଖ ଉଭାଇ । ୨ ।

ନାମ ଏକା ଗତି ମୁକତି
କାହିଁ ଆନ କା'ର ଶକତି
କଥାରେ ମାତର ପ୍ରେମ ନ ମିଳିବ
ନାମରେ ପାଗଳ ହୁଅରେ ତୁହି । ୩ ।

(୭)

ମନ ବାସନା ଭରି ହରି ନାମ ଗାଅ
ଆସ ନାଗିନରି ବୁଲି ଘରି ଘରି
ହରିନାମ ବାଣ୍ଟି ଦିଅ ॥ ୦ ॥

ମାତି ହରିନାମ ପ୍ରେମ ବଶରେ
ଗୃଖି ହରିନାମ ସୁଧା ରସରେ
ନକରି ବିଗୃରି ପରି ଆପଣାରି
ସମାନ ଦୃଷ୍ଟିରେ ଗୃହାଁ ॥ ୧ ॥

ସୁଗନ୍ଧି କନକ କମଳ ସମ
ତହିଁରେ ରଞ୍ଜି ହରିଗୁଣ ଗ୍ରାମ
ହରି ପ୍ରେମ ସୂତା-ଭକତିରେ ଗୁନ୍ଥା-
ମାଳ କଣ୍ଠରେ ପିନ୍ଧାଅ ॥ ୨ ॥

ସଦ୍‌ଗୁରୁ ସେବକ ହୁଅ ନିରତ
ସେ ଏକା ଜଗତେ ଅତି ମହତ
ନାମ ଗୁଣ ଗାଇ ବେଦନା ଧୁଆଇ
ନାମ ପାରିବାରେ ବୁଡ଼ି ଭୁ ରହ ॥ ୩ ॥

(୮)

ଲୋଡ଼ୁଛୁ ଯେବେ ଗୁରୁ ଆଶିଷରେ
ଘଗଣ ଭରି ଗୁରୁ ନାମ ଘୋଷ ॥ ୦ ॥

ଯେ କରେ ଆରାଧନ
ସେ ଏକା ଭାଗ୍ୟବାନ
ପିଇ ଯେ ପାରେ ଗୁରୁନାମ-ରସ ॥ ୧ ॥

ଜଣାଅ ଯୋଡ଼ି କର
"ଗୁରୁ କରୁଣା କର"
ଧନ, ଜନ, ମାନରେ ଛୁ ନ ରସ ॥ ୨ ॥

ଚେତନେ ଅଚେତନେ
ଶୟନେ ବା ସପନେ
ଗୁରୁନାମ ଧିଆନେ ହୁଅ ତୋଷ ॥ ୩ ॥

ଶୁଣି ଗୁରୁ ପ୍ରସଙ୍ଗ
କରରେ ସାଧୁ ସଙ୍ଗ
ଗୁରୁ-ପ୍ରେମନୀର ତରଙ୍ଗେ ଭାସ ॥ ୪ ॥

କରିବେ ଭବ ପାରି
ସେହି ହୋଇ ନାଉରୀ
ସେବ ପୟର-ଯୁଗ ହୋଇ ଦାସ ॥ ୫ ॥

(୯)

ଆସ ସରବେ ବାନ୍ଧୁ ତୋଳ
ହୋଇଣ ମେଳ, ଶ୍ରୀଗୁରୁ ବୋଲ ॥ ୦ ॥

ଜୟଗୁରୁ ନାମ ସାର
ସକଳ ପ୍ରେମ ଆଧାର
ତାଙ୍କ ନାମ ସମ ନାହିଁ ସର
ହୋଇଣ ମେଳ, ଶ୍ରୀଗୁରୁ ବୋଲ ॥ ୧ ॥

ଯେବେ ଚାହଁ ମୋକ୍ଷଧାମ
ଧର ଧର ଗୁରୁ ନାମ
କିବା ଦିବସ ବିଭାବରୀ
ହୋଇଣ ମେଳ, ଶ୍ରୀଗୁରୁ ବୋଲ ॥ ୨ ॥

ପାପ ତାପ ଯା ସଂସାରେ
ଦୂରେ ଯିବ ସେ ନାମରେ
ଭାଇ ବନ୍ଧୁ ନୁହେ କେ ତୋହର
ହୋଇଣ ମେଳ, ଶ୍ରୀଗୁରୁ ବୋଲ ॥ ୩ ॥

ଧନ ଧାନ୍ୟ ତୋ ଅସାର
ସବୁତ ଦୁଇ ଦିନର
ଗୁରୁ ନାମ ନିଅ ପାଶୋର
ହୋଇଣ ମେଳ, ଶ୍ରୀଗୁରୁ ବୋଲ ॥ ୪ ॥

ପାର ହେବୁ ଏ ଜଗତ
ହୁଅ ତୁ ଗୁରୁ ଭକତ
ମୋହ ମାୟା ଯିବ ସବୁ ଚ୍ଛଳ
ହୋଇଣ ମେଳ, ଶ୍ରୀଗୁରୁ ବୋଲ ॥ ୫ ॥

●

(୧୦)

ଗୁରୁ ନାମ ସୁଧାଝର, ବହୁଅଛି ଅନିବାର
ପିଇଲେ ମନୁଆଁ ବାଇ, ଭବ ତାପ ହେବ ଦୂର ॥ ୦ ॥

ନାମ ରସ କଲେ ପାନ
ଘୁଞ୍ଚିବ ଜଞ୍ଜାଳ ମାନ
ନିହାଲ ହୋଇ ସଂସାରେ ସୁଖୀ ହୋଇବୁ ଭୁ ଚର ॥ ୧ ॥

ନାମର ମହିମା ବଳେ
ଛୁଡ଼ିବେ ରିପୁ ସକଳେ
ଅନ୍ତର ବାହାରୁ ଚୋର ନାମ ଧନେ ନ ପାଶୋର ॥ ୨ ॥

ଗୁରୁ ଚରଣେ ଭକତି
ନାମରେ ମିଳେ ମୁକତି
ଗୁରୁଦାସ ହୋଇ ଗାଅ ଗୁରୁନାମ ବାର ବାର ॥ ୩ ॥

ମାତୃ-ସଙ୍ଗୀତ

ରୋଗ ବଇରାଗେ ଦୁଃଖେ ଅବା ଶୋକେ
ପାଖେ ହେବାପାଇଁ ଠିଆ
ଏ ଜଗତେ ଆନ କେହ ନ ମିଳବେ
ସାହା ଏକା ତୋର ମାଆ ।

(୧)

(ମୋର) ଆଉ କାମନା ନାହିଁ ମା । ଆନ ଧନେ !
(ତୁମକୁ) ମୁଦିଲେ ନୟନ ଯେହ୍ନେ ଦେଖେ ହୃଦ ପଦ୍ମାସନେ । ୦ ।

ହୃଦୟେ ତବ ମୂରତି ଦେଖେ ଯେହ୍ନେ ନିଶି ଦିନ
ରହୁ ମୋ ନୟନ ଲାଖି ତବ ପଦ ନଖ କୋଣ
ତୁମକୁ ଦେଖିଣ ତାରା ହୁଏ ଯେହ୍ନେ ଦିଶାହରା
ଝରୁ ପ୍ରେମ ଅଶ୍ରୁଧାରା ମୋ (ବେନି) ନୟନେ । ୧ ।

କି ଛାର ମଣି କାଞ୍ଚନ ତା ପାଶେ ତୁଚ୍ଛ ନଗଣ୍ୟ
ସେ ପଦ ପରଶମଣି ଜାଗେ ଯେବେ ହୃଦ କୋଣ
ଧନ ଆଶା ଯାଏ ଯାର ପରଶନେ । ୨ ।

ଅନିତ୍ୟ ଧନ ସମ୍ପଦେ କି ଫଳ ଅଛି ଜନନୀ
ଯଦି ହୋଇ ନ ପାରିଲି ତବ ପଦ-ଧନେ ଧନୀ
ତେବେ ଆଉ କିବା ଫଳ ସେ ଧନ କରି ସମ୍ବଳ
ଯେ ଧନ ଭୁଲାଏ ତବ ପଦ ଧ୍ୟାନେ । ୩ ।

ଧନ ପ୍ରଲୋଭନେ ଭୁଲି କେତେ ଘୂରି ଫେରୁଥିବ ?
ଅଶିବ ନାଶିନୀ ଶିବେ ! ତୁମକୁ କି ନ ପାଇବ ?
ଦେବନା କି ଦରଶନ ମା ! ଏ ସ୍ଥାନେ ।୪।

ପୂରିଛୁ ମା' ଅନ୍ୟ ଆଶା କେବଳ ଆଶା କମଳେ
ଦେଖିବ ପଦ କମଳ ମୋର ଏ ହୃଦ କମଳେ
ବସ ମୋ ହୃଦୟାସନେ ତେଜି-ତାର୍ ଶବାସନେ
ପୂଜିବ ପଦ ସରୋଜେ ଅନୁଦିନେ ।୫।

ମାତୃ-ସଙ୍ଗୀତ

(୨)

ମା ତୋର ମାୟା ବିଭୂତି କେବା ଜାଣେ ତୋର ବିନେ ?
ଜାଣିଲେ ସେ ଜାଣେ ଏକା ଯେ ନାହିଁ ବିଷୟାଧୀନେ । ୦ ।

ନିତ୍ୟା ଶକ୍ତି ରୂପା ହୋଇ ସୃଜ ବ୍ରହ୍ମାଣୀ ବୋଲାଉ
(ପୁଣି) ଇଚ୍ଛା ଶକ୍ତି ରୂପେ ପାଳ ତୁହି ମା ବୈଷ୍ଣବୀ ହୋଉ
ମିଛରେ ଭାବନ୍ତି ଭିନ୍ନ ଯେତେ ଭବ ଜ୍ଞାନ ହୀନେ । ୧ ।

ଜ୍ଞାନ ଯୋଗେ ପ୍ରେମିକ ଯେ ଜଗତ୍ ମିଥ୍ୟା ଜାଣନ୍ତି ସେ
ସତତ ନୟନ ବୁଜି ରତ ଥା'ନ୍ତି ତୋର ଧ୍ୟାନେ । ୨ ।

ତେଣୁ ଜ୍ଞାନ ଶକ୍ତି ତୁହି ରୁଦ୍ରାଣୀ ରୂପରେ ଶିବେ
ମିଥ୍ୟା ଜଗତ ବିନାଶି ଦେଖାଉ ତୁ ସତ୍ୟ ଶିବେ । ୩ ।

(ତୁ) ମରୁଭୂମେ ସୁଶ୍ୟାମଳ ରଚୁ ମୃଗତୃଷ୍ଣା ଜଳ
କେଜାଣେ ମା ତୋର ଛଳ କର୍ମା ଭୁଲାଉ ହରଣେ । ୪ ।

(ତୁ) ଚକୋରକୁ ଶୂନ୍ୟପଥେ ଦେଖାଇ ପୂର୍ଣ୍ଣିମା ବିଧୁ
ଭୁଲାଉ ଭ୍ରମରେ ପୁଣି ବନଫୁଲେ ଦେଇ ମଧୁ
ନୋହିଲେ କି ମହାମାୟା ଡାକନ୍ତା କେ ନଶିଦ୍ଦନେ ? । ୫ ।

କ ମାୟାରେ ଝର ଝର ମେଘୁ ଝରେ ବାରିଧାର
ତପନ ଉତ୍ତାପ ଚନ୍ଦ୍ର ସୁଧା ଢାଳଇ କେମନେ ? । ୬ ।

କ ମାୟାରେ ନଭେ ତୁମ୍ଭ ଚୃରୁ ଇନ୍ଦ୍ରଧନୁ ରଚୁ
(ପୁଣି) ଭୂତଳେ ଆଣି ତାହାକୁ ମୟୂର-ପୁଚ୍ଛେ ଖଞ୍ଜିଛୁ
କ ମାୟାରେ ହସାଉ ମା ତପନ ତାପେ ନଳୀନେ ? । ୭ ।

କ ମାୟାରେ ଦଶମାସ ହୁଅଇ ମା ! ଗର୍ଭବାସ
କ ମାୟାରେ ପରିଣତ ହୁଏ ଜନମ ମରଣେ । ୮ ।

ସୂତିକା ମନ୍ଦିରେ ତୁମ୍ଭ ଛୁଟାଉ ଆନନ୍ଦ ବନ୍ୟା
(ପୁଣି) ଶ୍ମଶାନର ବକ୍ଷେ ଦେଖାଉ ପାଷାଣ କନ୍ୟା !
ଧନ୍ୟରେ 'ଗୋବିନ୍ଦ' ତୁମ୍ଭ ତଥାପି ଅଛୁ ଅଜ୍ଞାନେ । ୯ ।

(୩)

ଏ କି କଲୁ ଆନନ୍ଦମୟୀ
ଦରଶନ ଦେଲୁ ଯେବେ
ଲୁଚିଲୁ କହ କମ୍ପାଇଁ ? ।୦ ।

ରୂପ ଧରି ପାଶେ ଆସି, ଆଦରେ ଗ୍ରହିଁଲୁ ହସି
ତନୁ ପରଶନ କାଳେ
ଛଳରେ ମିଶିଲୁ କାହିଁ । ୧ ।

ଅରୂପା ସ୍ୱରୂପା ତୁହି, ମାତା, ଦାରା ସୁତା ତୁହି
ତୁ ପୁଣି ଛଳନାମୟୀ
ଶୁଣିଥିଲି କାନେ ମୁହିଁ । ୨ ।

ଦେଖିଲି ନୟନ ମେଲି, ଏବେ ମୁଁ ପରତେ ଗଲି
ଅନ୍ତରେ ନିରତ ଥାଇ
ଆଖିରୁ ଅନ୍ତର ତୁହି । ୩ ।

କପଟ ଆଉ ନକର, ଦୟା ଯେବେ ଅଛି ତୋର
ଦରଶ ପରଶ ଦିଅ
ରୂପଧରି ମହାମାୟୀ । ୪ ।

(୪)

ଚରଣ ତଳରେ ତୋର
ଧନ ମାନ ଯଶ ପଉରୁଷ ବୋଲି
ସମ୍ପଦ ଯାହା ବୋଲି
ସବୁତକ ଠୁଳି ମୋର ।୦।

ସୁମରିଲେ ତୋର ଶ୍ରୀପଦ ପଙ୍କଜ
କୁବେର ଭଣ୍ଡାର ପାଏଁ
ତେଣୁ ସିନା ମାଆ ! ତାର ବିନୟମ୍ମି
ମଧୁର ତୋ ନାମ ଗାଏଁ
ପାଶୋରିଲେ ତଳେ ସବୁ ଘୁଞ୍ଚେ ଦୂରେ
ଘେରି ଆସେ ଦୁଃଖ ଘୋର ।୧।

ମାଗୁଣି ମାତର ଘେନ ମାଆ ମୋର
ଦିଅ ଶ୍ରୀଚରଣ ଠୁଇ
ତିନି ଜଗତର ସବୁ ବଦଳରେ
ଆଉ କିଛି ଲୋଡ଼ା ନାହିଁ
ଚରଣ ଶରଣ ଗତି ହେଉ ମୋର
ନିବେଦନ ଘେନା କର ।୨।

(୪)

ଭୋଗିଲି ଯେବେ ଗୋ କରମର ଫଳ ଯାହା
କି ଫଳ ତେବେ ତୋ ଚରଣେ ଶରଣ ମାଆ ?
ମନେଥିଲା ମୋର ପଦଛାଇ ତୋର
ଲଭି ଆଗୋ ମହାମାୟା
ଜନମର ଲାଗି ନୋହି ଦୁଃଖଭାଗୀ
ଶୀତଳ ହେବ ମୋ କାୟା । ୧ ।

ଆଶାରେ ଆଶାରେ ମିଛ ଧନସାରେ
ସାର୍ ବାଲି ବନ୍ଧ ଦେଅ
ବାଲିର ସଉଦରେ ସୁଖ ପାଇ ଯା'ରେ
ସେ'ତ ଫଟା କପାଳଆ । ୨ ।

କି ଧନ କି ରତ୍ନ ଜଳାଉ ତା ଗୁଣ
ଯେତେ ଅନୁସରଣିଆ
ସବୁ ବୁଝେ ମନ ନବୁଝେ ପରାଣ
ବାର ବାରେ ନାହିଁ ହିଆ । ୩ ।

କହ ମାଆ ମୋତେ କେବେ ଆଉ ସତେ
ସରିବ ଏ ଲୁହବୁହା
ହସ ମୁହଁ ତୋର ହେରି ଦୁଃଖ ମୋର
ପାଶୋରିବି ସବୁ ଆହା । ୪ ।

(୭)

ଏ ନୟନ ! ଅନାଥରେ
ମାଆ ମୋର ଚଉଧାରେ
ଗଗନ, ଭୁବନ, ତପନ, ପବନ, ନୀଳଜଳେ ଖେଳେ ସେ'ରେ । ୦ ।

ସାରା ତିନ ଜଗତ ବିରାଜଇ ସେତ
ଜଡ଼ରେ କି ଅବା ଜୀବେ
ଦଶ ଦିଶେ ଫେରେ ଅନ୍ତରେ ବାହାରେ
ପଞ୍ଚ ଭୂତେ ସେ ଯେ ଭବେ
ଛବି, କୋଟି ରବି ଶଶି ହାରେ । ୧ ।

ତାର ରୂପ ଅନୁପମ ହ୍ଲାଦିନୀ ତା ନାମ
ନୀଳ ନଭ ଶୁଭ୍ର ଶଶି
ପୁଣି ନବ ବିକାଶରେ ଭରା ଆକାଶରେ
ବିନାଶି ତମିର ମସୀ
ଗୁରୁ କିରଣ ଜାଲ ବିସ୍ତାରେ । ୨ ।

ସେ ଯେ ସାଗର-ଭରସେ ସମୀର ପରଶେ
କଳନାଦିନୀ ଲହରୀ

ପୁଣି ଉଷା ବଜଦରେ ଲୁଚଛପି ସେରେ
ଖେଳୁଥାଏ ଲୁଚକାଳି
ମାଶ ଦରହସା ଥରେ ଥରେ । ୩ ।

ସେ ଯେ ଗିରି ଗରଭର ଝର ନୀର ଧାର
ମନୋହର କୁଳୁଗାଏ
ବନ ଗହନରେ ଭ୍ରମ ମରୁଥଲେ
ଅଭୟା ସେ'ତ ବୋଲାଏ
ନଶିଦ୍ଦନ ତା ଚରଣ ଝୁରେଁ । ୪ ।

(୭)

(ମୋତେ) ଜଞ୍ଜାଳଆ କହନ୍ତୁ ପଛେ
ମୁଁ ଧାଇଁଥିବି ତୋର ପଛେ ପଛେ । ୦ ।

କୋଳ କର ନଅ ବୋଲି କରୁଛି କଠାଳ
ଏଇଥର ମାଆ ମୋର କଥାଟି ନ ଠାଳ
ନ ଜାଣି ମୁଁ ବୁଲୁଥିଲି ମା ଗୁଇଁ ପଛେ ମିଛେ ମିଛେ । ୧ ।

(ଯେତେ) ଅପରାଧ କଲେ ମୁଁ ଯେ ତୋହର ସନ୍ତାନ
ଥାଉକି ନଥାଉ ମୋର ଚତ୍ତେ ଦିବ୍ୟ ଜ୍ଞାନ
କୁପୁତ୍ର ବୋଲିକି କାହିଁ ଜନନୀ କାହାକୁ ବାଛେ ? । ୨ ।

ଏଥରକ କୋଳେ ତୋର ନେଲେ ମାଆ ମୋର
କୋଳ ଛଡ଼ା କରିବ କେ ଶକତି କାହାର ?
ଶକ୍ତିମୟୀ ପାଶେ ମାୟା ହାରିବ ଡରଛେ । ୩ ।

(୮)

ବିପଦ କେତେ ମାତର
କାହିଁ ପାଇଁ ଏତେ ଡର ? । ୦ ।

ତୋ ନାମ ଗାଇତ ମତୁଆଲା ମୁହିଁ ମାଆ
ତନୁ ମନ ମୋର ଚରଣେ ସଁପୁଛି ତୁହିଁ ।
ଦୁଃଖତ ସାଇତା ଭଣ୍ଡାରେ ମୋହର
ନିରେଖ ନୟନେ ତୋର । ୧ ।

କରାଉ ତୁ ଯାହା, କରୁଅଛି ମୁହିଁ ତାହା
ସୁମରି ତୋ ନାଆଁ ଭସାଇଛି ଭଙ୍ଗା ନାଆ
ଅଥଳ ସାଗର କରିବୁ ତୁ ପାର
ବିଷୟୀ ମଦ କି ଗ୍ଭୁର । ୨ ।

ଜାଣିତ ପାଣିରେ ବାନ୍ଧିଛି ମୁଁ ଘର
କାହିଁ ପାଇଁ ତେବେ ଡର କୁମ୍ଭୀରର ?
ମନରେ, ଧ୍ୟାନରେ ମୋର ମାଆ ରୂପ
ଆଉ କାହାରେ ଖାତର । ୩ ।

(୯)

ଦୟାମୟୀ ମା ବୋଲି ଗୋ,
କେ ତୋତେ କହେ
ଏଇ ଘରେ ଥାଉ ତୁ
ତୋ ଦେଖା ନ ପାଏଁ । ୦ ।

ଆଦରେ ଜନମ ଦେଲୁ
ଗେହ୍ଲାଇ ତୁ ବଢ଼ାଇଲୁ
ମୁଖ ଲୁଚାଇ ତୁ ରହୁ ଯେତେ ମୁଁ ଗୁହେଁ । ୧ ।

ଜାଣେ ଅଛୁ ଏଇ ଘରେ
କାଳଣି ଦେଉ ଦୁଆରେ
କ୍ଷୀର ଦେଇ ବଢ଼ାଇ କେ ଦୂରରେ ରହେ ? । ୨ ।

ଅବୋଲର ହେଲି ବୋଲି
ଦୂରେ ଦୂରେ ଦେଉ ଠେଲି
ଅବାଧ ସନ୍ତାନେ କି ମା' କ୍ଷମା ନଦଏ । ୩ ।

ଆଉ କିଛି ମାଗୁନାହିଁ
ଖାଲି ତୋର ପଦତଳେ
ନ ମିଳୁ ପଛକେ ଆଜ ଦେବୁ ଯେବେ ଅନ୍ତ ହୁଏ । ୪ ।

(୧୦)

ଜୀବନେ, ଆସିବ କେବେ ସେ ଦିନ
କହ ଦୟାମୟୀ କରୁଣା ସାଗରୀ !
ତୋ ପଦେ ମିଳିବ ସ୍ଥାନ । ୦ ।

ଭୋଗଇ ଯେ ଜନ ଘୋର ଦୁର୍ଦ୍ଦିନ
ମାଆ ଡାକ ଏକା ତା'ର ଜୀବଧନ
ବିପଦ-ସାଗର-ତରଣୀ ତାରଣୀ
ଦୟାମୟୀ ତୋ ଶରଣ । ୧ ।

ଆନନ୍ଦମୟୀ ଗୋ ! ତୋ କରୁଣା ବିନେ
ସୁଖ ଲେଶ ନାହିଁ, କାହାର ଜୀବନେ
ତକାଇ ରହିଛି ସେ ଦିନ ଯେବେ ଗୋ
ପୂଜିବି ତୋର ଚରଣ । ୨ ।

ପୁଲକେ ନାଚିବି ତୋର ନାମ ଗାଇ
ମାଆ ବିନା ମୋର ଜଗତେ କେ ନାହିଁ
ଅସାର ସଂସାରେ ସୁସାର ଏକା ତୋ
ମାଆ ଭଜନ-ପୂଜନ । ୩ ।

କୃଷ୍ଣ-ସଙ୍ଗୀତ

ମନ-ବୃନ୍ଦାବନ ସଜାଇ ରଖିଥା
ପରାଣ ଦେବତା ପାଇଁ
କୃଷ୍ଣ-ରୂପୀ ଗୁରୁ ତୋ ମନ ତୋଷିବେ
ସିଏ ତ ଜଗତ ସାଇଁ ।

କୃଷ୍ଣ-ସଙ୍ଗୀତ

(୧)

ନଟବର ବେଶେ ଆସ ରସିକ ଶେଖର
ନିରୂପମ ରୂପ ଦିଶେ କେଡ଼େ ମନୋହର ॥ ୦ ॥

ଭକତି ଯମୁନା କୂଳେ
ପୀରତି କଦମ୍ବ ମୂଳେ
ଚିତ୍ତବୃତ୍ତି ସଖାଗଣ ଭୁଲେ
ବଜାଅ ମୁରଲୀ ଧର ! ନିଶ୍ୱାସ ପବନେ ମୋର
ବିବେକ ବଇଁଶୀ ମଧୁ ସୁରେ
ଚିଦାନନ୍ଦେ ତନୁମନ ହେଉ ହେ ବିଭୋର ॥ ୧ ॥

ତୁମେ କରୁଣା ସାଗର
ରାସ-ରସିକ ନାଗର
ହୃଦୟ-ରାଧିକା ସଙ୍ଗେ ରସି
ଏ ମୋ ମନ ବୃନ୍ଦାବନେ ବିହର ଆନନ୍ଦ ମନେ
ନଗଣେ ଦିବସ ଅବା ନିଶି
ସଙ୍ଗେ ଘେନି ଯେତେଛନ୍ତି ଭଗତ ଗୋପାଳ ॥ ୨ ॥

ପ୍ରେମର ବରଜ ଧୂଳି
ନାମ ରସେ ଗୋଳି ଢାଳି
ହୋଇ ଖେଳେ ମତାଅ ଭୁବନ
ତୁମ ଗୀତ ଗାଇ ଗାଇ ନାଚବ ମୁଁ ହୋଇ ବାଇ
ଅନୁସରି ଗୁରୁ ମହାଜନ
ଜୀବନରେ ଆମ ବାଞ୍ଛା ନାହିଁ ଏ ମନର ॥ ୩ ॥

(୨)

ଅରେ ବଂଶୀ ବଜାଅ କହ୍ନାଇରେ,
ଅରେ ମୁରଲୀ ଦିଅଛୁ ବାଇ,
ତୋ ମଧୁ ମୁରଲୀ ସ୍ୱନ ନ ଶୁଣି ମନ ମୋହନ ।
ଆଜ ଗୋଠ ଯିବା ମନ ନାହିଁ
ଦେଖ ଧେନୁ ବତ୍ସା ଯେତେ ଅନାଇଛନ୍ତି ଚକିତେ
ଗୋପର ବାଳକ କୂଳ ସରବେ ହେଲେଣି ଠୁଳ
ରହିଛନ୍ତି ତତେ ଚକାଇରେ ॥ ୧ ॥

ଆଜ ତୁ ଉଚ୍ଛୁର କଲେ ମୁରଲୀ ନ ବଜାଇଲେ
ଖେଳିବୁ କହ କା ତୁଲେ ଏକଥା କି କାହ୍ନୁ ଜାଣୁନାହିଁରେ ॥ ୨ ॥
ହୃଦୟ-ଯମୁନା କୂଳେ ହସି ଖେଳ ଭାବ ଭୋଳେ
ପୂଜା କରିବୁରେ ତୋତେ, ଭେଟି ଫୁଲ ହାର କେତେ
ମନ ଭରି ଗୁନ୍ଥିଛୁ ତୋପାଇଁ ରେ ॥ ୩ ॥

ଅରେ ତ୍ରିଭଙ୍ଗ ଭଙ୍ଗିଆ ଠାଣିରେ
ପିନ୍ଧି ପୀତବାସ କାଛେଣୀରେ
ଆସ ମନ-ନିକୁଞ୍ଜ କାନନେ
ଘେନ ନିବେଦନ ଶୁଭଦିନେ
ଆମେ ପାଦ ଦେବୁଁ ତୋର ଧୋଇରେ ॥ ୪ ॥

(୩)

କଦମ୍ବ ବନେ ବଂଶୀ ବାଜିଲାରେ ସଜନୀ
ଦମ୍ଭ-ଶିଖରୁ ଚୂଳ ଭାଜିଲାରେ ॥ ୦ ॥

କି ଆଚମ୍ବିତେ ଆସି
ଗଲା ଶ୍ରୁତି ପରଶି
କୁଳ-ଧରମ-ମାନ ତେଜିଲାରେ ॥ ୧ ॥

କି ସୁରେ ସେ ବଜାଏ
ମରମ ଦହି ଦିଏ
ବିବେକ ଚେତନା ତ ହଜିଲାରେ ॥ ୨ ॥

ସେ ରୂପ ନ ହେରିଲେ
ଜୀବ ଥିବ କି ଭଲେ
କେ ବିଧି ତାହାରେ ସରଜିଲାରେ ॥ ୩ ॥

(୪)

ନଟବରଙ୍କର ଲୀଳା ମନୋହର
ଦେହ ଧେନ ଅବତାର
ଯଶୋଦା ଦୁଲାଳ ଗୋପ ଗୋପୀଙ୍କର
ମନ ଚୋର ରସ ସାଗର
ସେ ଲବଣୀ ଚୋର
ଅଦଭୁତ ଲୀଳା ଯାହାର ॥ ୧ ॥

ସ୍ଥୂଳ ସନାତନ ପୂର୍ଣ୍ଣ ବ୍ରହ୍ମଜ୍ଞାନ
ରୂପେ ବଶ ତିନି ଭୁବନ
ବିଶ୍ୱପ୍ରାଣୀମନ କରେ ଆକର୍ଷଣ
ଏ ମରତେ ନନ୍ଦ ନନ୍ଦନ
ସେ ଜଗଜୀବନ
ଶକତି ତାର ଅକଳନ ॥ ୨ ॥

ଭକତଜୀବନ ସେ ଯେ ଗୂଢ଼ଧନ
କରିଲେ ଲୀଳା ପ୍ରକଟନ
ଅନଳ ଯେସନ ତେଜ ଝଲସାଇ
ବିନାଶେ ପତଙ୍ଗ ଜୀବନ

ସେ କୃଷ୍ଣ ଚେତନ
ଟାଣି ନେଲେ ଭକତ ମନ ॥ ୩ ॥

କରୁଣା ସାଗର ଜଗତ ଈଶ୍ୱର
ଗୋପରେ କଲ ବିହରଣ
ଦୁଃଖ ଜଳନିଧି କରାଇଲ ପାର
ଗୋପୀଜନେ ବ୍ରଜ ନନ୍ଦନ
ସେ କୃପା ନିଧାନ
ନରଦେହ କଲ ଧାରଣ ॥ ୪ ॥

(୫)

କାଳିଆ ସୁନା ! ଗଢ଼କେ ଆଉ ତୋହ ବନା ?
ତୁ ମୋ ଜୀବନ ଧନ ସିନା !! ॥ ୦ ॥

ଗରବେ ତୋହର ଗରବଣୀ ମୁହିଁ
ରୂପ ଶିଖ ତୋର ଗୁଣଇ
ସାରା ଜଗତରେ ବାଜଣା ବାଜୁଛି
ରୂପବନ୍ତ ବୋଲି ମୁହିଁ
ତୁ ତ ମୋହର ଦାନା କନା ॥ ୧ ॥

ଆନ ଆନଙ୍କର କେତେ ପ୍ରଭୁଛନ୍ତି
ଏକା ତୁ ପ୍ରଭୁ ମୋହର
ପରାଣରୁ ବଳି ପ୍ରିୟ ମୋର ବୋଲି
କରିଛି ଗଳାର ହାର
ପ୍ରିୟତମ ତୋହର ନାଆଁ ॥ ୨ ॥

ମୋ ଅନ୍ଧ ନୟନ ଅଞ୍ଜନ ତୁ ଏକା
ଗୁରୁବୃନ୍ଦକର ତୁହି

ମାୟା ମରୀଚକା ଦୂର କରୁ ବୋଲି
ଭରସା କରିଛି ମୁହିଁ
ଉଡ଼ୁଛି ତୋ ବିଜୟ ବାନା ॥ ୩ ॥

ଅଙ୍ଗ ଅଲଙ୍କାର କଣ୍ଠ ମୋତିହାର
ତୁହି ଏକାରେ କାଳିଆ
ଗୁରୁଦାସ ହୋଇ ଚିର କାଳମୁହିଁ
ଥିବ ତୋ ପାଆ ତଳିଆ
ଏତେ ମାଗୁଣି କର ଧେନା ॥ ୪ ॥

(୭)

ଜୀଇବାର ଧିକ ସିନା ମରଣ ଅଧିକ ଭଲ
କୁଳବଧୂ ହୋଇ ତାରଲାଗି ହେଲି କଲବଲ ॥ ୦ ॥

ପହିଲେ ନାମ ଶୁଣିଲି
କୃଷ୍ଣ କୃଷ୍ଣ କୃଷ୍ଣ ବୋଲି
ମନ ମୋର ଚୈର କଲା ସେ ନାମ ଦୁଇ ଅକ୍ଷର ॥ ୧ ॥

ତହୁଁ ମୁରଲୀର ସ୍ୱର
ଶ୍ରୁତି କି କଲା ଅଧୀର
ଚମକି ଉଠିଲା କାନ ମନ ମୋର ବାର ବାର ॥ ୨ ॥

ଚନ୍ଦ୍ର ମୂରତି ହେରିଲି
ତହୁଁ ଅତି ଭରମିଲି
ନବଜଳଧର କାନ୍ତି ସତେ କେଡ଼େ ମନୋହର ॥ ୩ ॥

ପୁଣି ମୁଁ ଚକିତ ହୋଇ
ଗୃହିଁଲି ସଜନୀ ଯହିଁ
ତହିଁ ତହିଁ ନାଚିଲାରେ ଶ୍ୟାମ ରୂପ ଥର ଥର । ୪ ॥

(୬)

ନବ ବୃନ୍ଦାବନ ନବୀନ ତରୁଗଣ
ନବ ନବ ବିକଶିତ ଫୁଲ
ନବୀନ ବସନ୍ତ ନବୀନ ମଳୟାନିଳ ଉଚ୍ଛନ ନବ ଅଳିକୁଳ
ହରି ବିହରେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳନେ କୁଞ୍ଜେ ବିହରଣ ରାଇ ପରାଣ ମରାସେ ॥ ୧ ॥

ନବୀନ ରସାଳ ବକୁଳ ମଧୁ ମାଳତୀ କୋକିଳ କୁହୁତାନେ ଗାଏ
ନବ ଗୋପୀକା ଗଣ ଚିତ୍ତ ଉନମତ୍ତେ ନବରଙ୍ଗେ କୁଞ୍ଜବନେ ଧାଏଁ
ହରି ବିହରେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳନେ କୁଞ୍ଜେ ବିହରଣ ରାଇ ପରାଣ ମରା ସେ ॥ ୨ ॥

ରାସ ରସିକବର ରୂପ ମନୋହର ରାଇ ଚିତ୍ତ କରିନଏ ଚୋର
କାନନେ ମୁରଲୀବାଇ ଗୋପୀ ମନ ହିଏ ବିହ୍ୱ
କଦମ୍ବ ମୂଳରେ ବିହ୍ବର
ହରି ବିରହେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳିନ କୁଞ୍ଜେ ବିହରଣ ରାଇ ପରାଣ ମରା ସେ ॥ ୩ ॥

ପୀତ ବସନ ନବ ଶ୍ୟାମ ବରଣ ତନୁ
ମୃଗ ମଦ ଗନ୍ଧ ବସାରେ
ଚରଣ କମଳ ତଳ ନନ୍ଦିତ ଶତଦଳ
ତ୍ରିଭୁବନ ଜନ ମନ ହାରେ
ହରି ବିହରେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳିନ କୁଞ୍ଜେ ବିହରଣ ଯାଇ ପରଶ ମନ ସେ ॥ ୪ ॥

(୮)

ନୀରଦ ବରଣ ଶ୍ୟାମ କ ସୁନ୍ଦର ଗୋ
ନୟନ ଚକୋର ଝୁରେ ରୂପ ତାର ଗୋ ॥ ୦ ॥

ଯମୁନା କୂଳରେ ଉଭା
ଜିଣି ମରକତ ପ୍ରଭା
ଭ୍ରମର ଭ୍ରମଣ ଲୋଭା ମନୋହର ଗୋ ॥ ୧ ॥

ଜିବା ସେ ବାଙ୍କ ଗୃହାଣୀ
କୋଟି କାମ ଧନୁ ଜିଣି
ଜଗତ ନାଗରୀମାନ-ମନ ଚୋର ଗୋ ॥ ୨ ॥

ଜାତି କୁଳ ମାନ ଗୁରୁ
ପଡ଼ିଲେ ନଜର ତାର
ତିନି ଭଙ୍ଗୀ ଠାଣି ତାର କ ମଧୁର ଗୋ ॥ ୩ ॥

ଗୁରୁ ଦାସ ଅନ୍ତ କାଳେ
ଚରଣ ଯୁଗଳ ଭଲେ
କରୁଣା କଟାକ୍ଷ ଢାଳେ
ଦୟା କର ଗୋ ॥ ୪ ॥

(୯)

ଶ୍ୟାମ ନାମେ କି ମଧୁ ସଖି !
ଦିଅ ବତାଇ
ରଜନୀ ଦିବସ ମୁଁ ତ ପାସୋରି
ନ ପାରଇ ॥ ୦ ॥

ଘଡ଼ିଏ ସେ ନାମ ଭୁଲି
ରହିତ ମୁଁ ନ ପାରିଲି
ଅବଶ କଲା ସେ ନାମ ଦେଲା
ସବୁ ଭୁଲାଇ ॥ ୧ ॥

ନାମ ପରତାପେ ତାର
ସଂସାର ମାଗୁଛି ଗୁର
ଦରଶନେ ତା ରୂପ କି ଦେବ
କହି ନୁହଇ ॥ ୨ ॥

ବିଭୂରଙ୍ଗ ମନେ ଯେତେ
ଆଖିରେ ନାଚିଲା ସେତେ
ନାମ ସୁମରଣ ଏତେ
ପରଶେ କି ନୁହଇ ? ॥ ୩ ॥

(୧୦)

କିଏ ଶୁଣାଇଲା କୃଷ୍ଣ ବୋଲି ନାମ ତାର
ଶୁଣିଲା ବେଳରୁ ପ୍ରେମୀଜନ ମନ
ବୁଡ଼ାଇଲା ନିରନ୍ତର ॥ ୦ ॥

କେତେ କେତେ ନାମ ନାହିଁ ଏ ଗୋକୁଳେ
କେତେ ନାମ ଶୁଣା ନାହିଁ
କୃଷ୍ଣ ନାମ ଏକା ଶୁଣନ୍ତେ ଶ୍ରବଣେ
କାମୀ ପ୍ରେମରେ ବହୁଇ

କି ମାଧୁରୀ ଭରି ରହିଛି ସେ ନାମେ
ଢାଳେ କାନେ ସୁଧାଝର
ଅମୃତ ସେ କିବା ସୁବାସ ସତେ କି
ଜୀବନ ଭରି ପ୍ରସର ॥ ୨ ॥

ଦେଖିବାର ପାଇଁ ସେ ମଧୁ ମୂରତି
ନିରତ ଆଶା ମନର
ସଦା ସେହି ରୂପ ଦରଶନ ପାଇଁ
ଝୁରେ ସଦା ଚିତ୍ତ ମୋର ॥ ୩ ॥